## ସଂକ୍ଷେପରେ

### ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଧୁଷୁରୀ,୯।୩(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ଧୁଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁକମ୍ପା ମହିଳା ସଂଗଠନ ପକ୍ଷରୁ ରବିବାର ସନ୍ଧ୍ୟାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସଭାପତି କବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ ଓ ଧୁଷୁରୀ ଥାନାର ପୋଲିସ ଅଧିକାରିଣୀ ସୁଜାତା ସାହୁ ଯୋଗ ଦେଇଥିଲେ। ସମ୍ପାଦିକା ଅଞ୍ଜନା ମହାକୁଡ଼, ସହସମ୍ପାଦିକା ବିମଳା ନାଥ, ଉପସଭାପତି ନମିତା ପଣ୍ଡା ପ୍ରମୁଖ ସାମାଜିକ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବକ୍ତବ୍ୟ ରଖିଥିଲେ। ଗୀତାଞ୍ଜଳି ମଲ୍ଲିକ, ସଂଘମିତ୍ରା ବାରିକ, ମନୋରମା ନାୟକ, ଜ୍ୟୋତିରାଣୀ ତ୍ରିପାଠୀ, ପ୍ରମିଳା ସେଠୀ, କାମିନୀ ବେହେରା, ଶାନ୍ତିଲତା ସାହୁ, ସବିତା ସାହୁ, କବିତା ସେଠୀ, ସୁମତି ସେଠୀ, ରମାରାଣୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମାଞ୍ଚଳରୁ ଦୋଳସାହି ବଜାରକୁ ଗଲା ୟୁକୋ ବ୍ୟାଙ୍କ

ତିହିଡ଼ି,୯।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଦୋଳସାହି ବଜାରକୁ ସୋମବାର ୟୁକୋ ବ୍ୟାଙ୍କ ସ୍ଥାନାନ୍ତର ହୋଇଛି। ପୂର୍ବରୁ ଏହା ଦୋଳସାହି ପଞ୍ଚାୟତର ଗ୍ରାମାଞ୍ଚଳରେ ଥିବାରୁ ଗ୍ରାହକମାନଙ୍କୁ ସେବା ଯୋଗାଇବା ନେଇ ସମସ୍ୟା ଉପୁଜୁଥିଲା। ଅଧିକ ସୁବିଧା ସୁଯୋଗ ଯୋଗାଇବା ଲକ୍ଷ୍ୟରେ ବ୍ୟାଙ୍କକୁ ସ୍ଥାନାନ୍ତର କରାଯାଇଥିବା ନୂତନ ଶାଖା ଉଦ୍‌ଘାଟନ କରିବା ଅବସରରେ ପରିଚାଳକ ରାକେଶ କୁମାର ସାହୁ କହିଛନ୍ତି। ବାଲେଶ୍ୱର ଜୋନାଲ ପରିଚାଳକ ସୁଦୀପ ଡାକୁଆ, ସହକାରୀ ପରିଚାଳକ ରଶ୍ମିରଞ୍ଜନ ସାହୁ, ଜୟଶ୍ରୀ ପଣ୍ଡା, ଅକ୍ଷୟ କୁମାର ମହାନ୍ତି, ଶିବ ମଲ୍ଲିକ, ଅନିଲ ମଲ୍ଲିକ, ସରିତା ସାହୁ ପ୍ରମୁଖ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

### ଶନିଶ୍ଚରଙ୍କ ମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପିତ

ଭଦ୍ରକ,୯।୩(ସନାତନ ରାଉତ)

ବନ୍ତ ବ୍ଲକର ବସନ୍ତିଆଠାରେ ଶନିଶ୍ଚର ମନ୍ଦିରରେ ଶନିବାରଠାରୁ ଚାଲିଥିବା ତୃତୀୟ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନିକଟସ୍ଥ ବଡ଼ହାଟ ପୁଷ୍କରିଣୀରୁ ଶୋଭାଯାତ୍ରାରେ ୧୦୮ କଳସ ଅଣାଯାଇ ଘଟ ସ୍ଥାପନ ପରେ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ପ୍ରଦୀପ କୁମାର ପଣ୍ଡା ଓ ରେଣୁକା ମଞ୍ଜରୀ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ମନୋଜ ରାଉଳ, ସରୋଜ ପଣ୍ଡା, ରାଜୀବ ମହାନ୍ତି, ବାଇଧର ସାହୁ, ମାନସ ଦାସ, ମାନସ ବାରିକ, ମହେଶ କୁମାର ସୁଆର, କୃଷ୍ଣ ଶଙ୍ଖୁଆ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଅପହୃତା ଝିଅ ଉଦ୍ଧାର ନ ହେଲେ ଆତ୍ମାହୁତି ଚେତାବନୀ

ଚାନ୍ଦବାଲି,୯।୩(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ତେନ୍ତୁଳିଆଡ଼ିଆ ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ଉଦ୍ଧାର କରିବାରେ ପୋଲିସ ବିଫଳ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ଗତ ଫେବୃଆରୀ ୧୪ରେ ୧୭ ବର୍ଷୀୟ ନାବାଳିକାଙ୍କୁ ଏହି ଥାନା ଅଧୀନ ଗୁଆଁ ଗ୍ରାମର ଜଣେ ବିବାହିତ ଯୁବକ ଅପହରଣ କରି ନେଇଥିବା ପରିବାର ପକ୍ଷରୁ ୧୭ ତାରିଖରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୪୮/୨୬) ରୁଜୁ କରିଥିଲା। ଫେବୃଆରୀ ୨୬ରେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ଭଦ୍ରକ ଏସ୍‌ପିଙ୍କୁ ଜଣାଇଥିଲେ। ଏସ୍‌ପି ମନୋଜ ରାଉତ ଚାନ୍ଦବାଲି ଏସ୍‌ଡିପିଓଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅପହରଣକୁ ୨୭ଦିନ ବିତିଯାଇଥିଲେ ମଧ୍ୟ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାରେ ପୋଲିସ ବିଫଳ ହୋଇଥିବା ବେଳେ ଉକ୍ତ ପରିବାର ଭୟ ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଝିଅକୁ ତୁରନ୍ତ ଉଦ୍ଧାର କରା ନ ଗଲେ ପରିବାର ସହ ବାଂଶଡ଼ା ଥାନା ପରିସରରେ ଆତ୍ମାହୁତି ଦେବେ ବୋଲି ନାବାଳିକାଙ୍କ ବାପା ଚେତାବନୀ ଦେଇଛନ୍ତି।

# ଆବଶ୍ୟକ ୩୦ ହଜାର, ମିଳିଛି ୪୮୦୦ କୁଇଣ୍ଟାଲ ଟାର୍ଗେଟ

- ଜିଲାପାଳଙ୍କୁ ଭେଟିଲେ ଅସନ୍ତୁଷ୍ଟ ଚାଷୀ
- ଶିବିରରେ ୯୨ ଅଭିଯୋଗର ଶୁଣାଣି

ତିହିଡ଼ି,୯।୩(ସଞ୍ଜିତ ବଳ)

ମଣ୍ଡିରେ ୩୦ ହଜାର କୁଇଣ୍ଟାଲ ଟାର୍ଗେଟ ଆବଶ୍ୟକ ଥିବାବେଳେ ମାତ୍ର ୪୮୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଆସିଛି। ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ଏନେଇ ସୋମବାର ଜିଲାପାଳଙ୍କୁ ଭେଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ତିହିଡ଼ି ପଞ୍ଚାୟତ ସମିତି ପରିସର ନୀଳମଣି ସଭାଗୃହରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଚାଷୀମାନେ ଜିଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ମଣ୍ଡିରେ ୩୦ହଜାର କୁଇଣ୍ଟାଲ ଟାର୍ଗେଟ ଆବଶ୍ୟକ। ମାତ୍ର ୪୮୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଆସିଛି। ସମିତି ଅଧୀନରେ ୮୫୯ଜଣ ପଞ୍ଜୀକୃତ ଚାଷୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୫୨୦ଜଣ ଧାନ ବିକିବାକୁ ଅପେକ୍ଷା କରିଥିବା ଦୀପକ ଦାସ, ରାମକୃଷ୍ଣ ଦାସ, ନିରାକାର ସେନାପତି, ସମୀର ଦାସ, ମନ୍ମଥ


ଜନଶୁଣାଣି ଶିବିରରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀ।

ନାୟକ, ସୌମ୍ୟରଞ୍ଜନ ଦାସ ପ୍ରମୁଖ ଦର୍ଶାଇବା ସହ ଅଧିକ ଟାର୍ଗେଟ ପ୍ରଦାନ ପାଇଁ ଦାବି କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ ଖୁବ୍‌ଶୀଘ୍ର ଅଧିକ ଟାର୍ଗେଟ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ସେହି ସ୍ଥାନକୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରୁ ଥିବା ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ସମ୍ପ୍ରସାରଣ ପାଇଁ ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ ଓ ଭାଟପଡ଼ା ପଞ୍ଚାୟତ ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗକୁ ଆସୁଥିବା ରାମ ନବମୀ ଅବସରରେ ଦଶମୀ ଦିନ ତିହିଡ଼ିରେ ଉତ୍ସବ ପାଳନ ହୋଇଥାଏ। ଉତ୍ସବ ଶେଷ ହେବା ପର୍ଯ୍ୟନ୍ତ ତିହିଡ଼ି ଥାନାରୁ ବଦଳି ହୋଇଥିବା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଏବଂ ନୂତନ ଆଇଆଇସି ଭାବେ ଯୋଗଦେବାକୁ ଥିବା ଲୋପାମୁଦ୍ରା ନାୟକଙ୍କୁ ଦାୟିତ୍ୱରେ ରଖିବାକୁ ଏମ୍‌ପିଙ୍କ ପ୍ରତିନିଧି, ସରପଞ୍ଚ ଏସ୍‌ପି ମନୋଜ ରାଉତଙ୍କୁ ଜଣାଇଥିଲେ। ଏହାବ୍ୟତୀତ ଶିବିରରେ ଭତ୍ତା, ରାଶନ କାର୍ଡ, ବର୍ଦ୍ଧିତ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ସମେତ ବିଭିନ୍ନ ଅଞ୍ଚଳରୁ ମୋଟ ୯୨ ଅଭିଯୋଗର ଶୁଣାଣି କରାଯାଇଛି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ପ୍ରହରାଜ, ବିଡିଓ ନିରଞ୍ଜନ ବାରିକ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଅତିରିକ୍ତ ତହସିଲଦାର ନମିତା ଧଳ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏସ୍‌ପିଙ୍କୁ ଗୁହାରି

## ଜମି ବିବାଦରୁ ଆକ୍ରମଣ ଘଟଣା

ଭଣ୍ଡାରିପୋଖରୀ,୯।୩(ରାଜେନ୍ଦ୍ର ଶତପଥୀ)

ଜମି ବିବାଦରୁ ଆକ୍ରମଣ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଭଣ୍ଡାରିପୋଖରୀ ଥାନା ଅଧୀନ କୋରିଗାଁ ପଞ୍ଚାୟତ ନାଉରିଗଡ଼ିଆ ଗ୍ରାମର ମନ୍ଦାକିନୀ ଖଟୁଆ ରବିବାର ଏସ୍‌ପିଙ୍କୁ ଗୁହାରି କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଶାଶୁଘରର ନିର୍ଦ୍ଦିଷ୍ଟ ଇଜିମାଇଲ ସମ୍ପତ୍ତି ପାଇଁ ସହଅଂଶୀଦାରଙ୍କ ସହ ବିବାଦ ଲାଗି ରହିଥିଲା। ଏନେଇ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲା। ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ ସେହି ଜମିର ବ୍ୟବହାର ଉପରେ ରୋକ୍ ଲଗାଯାଇଥିଲା। ଅପରପକ୍ଷ ଗତ ୪ ତାରିଖରେ ଉକ୍ତ ବିବାଦୀୟ ଜମିରେ ବାଲି ଚିପ୍ସ ପୂର୍ବଭଳି ମହଜୁଦ ରଖିଥିଲେ। ସ୍ୱାମୀ ଶେଷଦେବଙ୍କ ଅନୁପସ୍ଥିତିରେ ସେ ଏହାକୁ ବିରୋଧ କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଅପରପକ୍ଷ ତାଙ୍କୁ ଆକ୍ରମଣ କରିଥିଲେ। ସେ ଆହତ ହୋଇ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଏପରିକି ତାଙ୍କ ପୁତୁରା ଓ ଯାଆ ଆସିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏ ସମ୍ପର୍କରେ ସେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୦୬/୨୬) ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇ ନ ଥିବାବେଳେ ତାଙ୍କ ପରିବାରକୁ ଧମକ ଦେଉଛନ୍ତି ବୋଲି ମନ୍ଦାକିନୀ ଏସ୍‌ପିଙ୍କୁ ଜଣାଇଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ମନୋଜ କୁମାର ରାଉତ ପ୍ରତିଶ୍ରୁତି ଦେଇଥିବା ମନ୍ଦାକିନୀ ପ୍ରକାଶ କରିଛନ୍ତି।

# ‘ଭାଇଚାରା ବଜାୟ ରଖେ ମହୋତ୍ସବ’



ଦୋଳ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ସହ କଳାକାରମାନେ।

ବାସୁଦେବପୁର,୯।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ସାର୍ବଜନୀନ ଦୋଳ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ଅନ୍ୟତମ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, ସଂସ୍କୃତି ବିଭାଗ ଅଧିକାରିଣୀ ତନୁଜା ସିର୍କା, ମେଳଣ କମିଟି ସଭ୍ୟ ପ୍ରଶାନ୍ତ ପଟ୍ଟନାୟକ, ବଂଶୀଧର ଶତପଥୀ, ସଭାପତି ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ ଗ୍ରାମାଞ୍ଚଳରେ ଭାଇଚାରାକୁ ବଜାୟ ରଖିବାରେ ସହାୟକ ହୋଇଥାଏ ବୋଲି ବିଧାୟକ ଦାସ କହିଥିଲେ। ଦର୍ଶକଙ୍କ ଅନୁରୋଧରେ ଡେପୁଟି କଲେକ୍ଟର ମଣ୍ଡଳ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ପାଲା କଳାକାର ତ୍ରିଲୋଚନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମଳାକାନ୍ତ ଦାସ ସଭାରେ ସଭାପତିତ୍ୱ କରିଥିବା ବେଳେ ସାମାଜିକ କର୍ମୀ ନରେନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ମଦ ପିଇ ଗାଡ଼ି ଚଳାଇବା ପଡ଼ିଲା ମହଙ୍ଗା
### ୩ ମାମଲା ରୁଜୁ, ୩ ବାଇକ୍ ଜବତ

ବନ୍ତ,୯।୩(ହରିନାରାୟଣ ମହାନ୍ତି)

ବନ୍ତ ଥାନା ଅଞ୍ଚଳରେ ରବିବାର ଭଦ୍ରକ ଜିଲା ମଦ୍ୟପାନ କରି ଗାଡ଼ି ଚଳାଇବା ୩ ବାଇକ୍ ଚାଳକଙ୍କୁ ମହଙ୍ଗା ପଡ଼ିଛି। ଏହି ଅଭିଯୋଗରେ ପୋଲିସ ୩ ଚାଳକଙ୍କ ନାମରେ ୩ ମାମଲା ରୁଜୁ କରିବା ସହ ୩ ବାଇକ୍ ଜବତ କରିଛି। ସୂଚନା ଅନୁଯାୟୀ, ବନ୍ତ ଥାନା ଅଞ୍ଚଳରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ମଦ୍ୟପାନ ଅବସ୍ଥାରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ କରିଛି। ରବିବାର ପୋଲିସ ୩ଜଣଙ୍କ ନାମରେ ୩ଟି ମାମଲା (ନଂ.୯୩/୨୬, ୯୪/୨୬ ଓ ୯୫/୨୬) ଧାରା ୨୮୧ ବି.ଏନ୍.ଏସ୍/୧୮୫ ଏମ୍.ଭି. ଆକ୍ଟ ଅନୁଯାୟୀ ରୁଜୁ କରିଛି। ସାଧାରଣ ଲୋକଙ୍କ ସୁରକ୍ଷା ନିମନ୍ତେ ଆଗାମୀ ଦିନରେ ଏଭଳି ଅଭିଯାନ ଜାରି ରହିବ ବୋଲି ଥାନାଧିକାରୀ ସୁପ୍ରକାଶ ମହାନ୍ତି କହିଛନ୍ତି। ସାଧାରଣ ଲୋକେ ଟ୍ରାଫିକ ନିୟମ ମାନିବା ସହ ପ୍ରଶାସନକୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ‘ମହିଳାଙ୍କ ଉନ୍ନତିରେ ସମାଜର ଉନ୍ନତି ହୋଇଥାଏ’


ମହିଳା ଦିବସ ପାଳନ ଅବସରରେ ଅତିଥିଙ୍କ ସହ ତେଜସ୍ୱିନୀ ସଂଗଠନର କର୍ମକର୍ତ୍ତା।

ଭଦ୍ରକ, ୯।୩(ରବିନାରାୟଣ ଖିଲାର)

ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ରବିବାର ସନ୍ଧ୍ୟାରେ ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ମହିଳା ଦିବସ ପାଳିତ ହୋଇଯାଇଛି। ସଭାପତି କଳ୍ପନା ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ମନ୍ତ୍ରୀଙ୍କ ମା’ ଉର୍ମିଳା ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଚଳଚ୍ଚିତ୍ର ଅଭିନେତ୍ରୀ କାନ୍ତା ସିଂ, ଆଇନଜୀବୀ ଆକାଂକ୍ଷା କବି, ଉପଦେଷ୍ଟା ବାସନ୍ତୀଲତା ପରିଡ଼ା, ଦୀପାଳି ମିଶ୍ର, ସମ୍ପାଦିକା ଅଞ୍ଜନା ମିଶ୍ର, ଅଧକ୍ଷ ନୀହାର ରଞ୍ଜନ କର ପ୍ରମୁଖ ଯୋଗ ଦେଇଥିଲେ। ମହିଳାଙ୍କ ଉନ୍ନତିରେ ସମାଜର ଉନ୍ନତି ହୋଇଥାଏ ବୋଲି ଅତିଥିମାନେ କହିବା ସହ ମହିଳାମାନଙ୍କ ଅଧିକାର, ସଶକ୍ତୀକରଣ ଓ ସମାଜରେ ସେମାନଙ୍କ ଭୂମିକା କ’ଣ ହେବା ଦରକାର ତାହା ଉପରେ ପରାମର୍ଶ ଦେଇଥିଲେ। ଉପଦେଷ୍ଟା ଡ. ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ, ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ ଓ ଚୈତାଳି ଖିଲାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହିଳାମାନଙ୍କ ମଧ୍ୟରେ କବିତା ପାଠ କରାଯାଇ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜିକା ଦୀପ୍ତିମୟୀ ସାହୁ, ଆଇନଜୀବି ଅଞ୍ଜୁବାଳା ରାଉତ, ସହସମ୍ପାଦିକା ସାବିତ୍ରୀ ସେଠୀ, ଗିତାଞ୍ଜଳି ମହାରଣା, ପ୍ରମୁଖ କବିତା ସଂଯୋଜନା କରିଥିଲେ। ଆବାହକ ରେଣୁବାଳା ଖିଲାର ଧନ୍ୟବାଦ ଦେଇଥିଲେ। ଡା. ଅନିତା ଦାସ, ସ୍ୱାସ୍ଥ୍ୟ ସେବିକା ମାନସୀ କୁଅଁର, ବିଜୟଲକ୍ଷ୍ମୀ ମହାକୁଡ଼, ଭଦ୍ରକ ସେବା ଗ୍ରୁପ୍, ସିଦ୍ଧିବିନାୟକ ଗ୍ରୁପ, ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ, ଜୟଶ୍ରୀ ମହାନ୍ତି, ଡ. ପୂଜାରାଣୀ ଘୋଷ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିକ୍ଷକ ସଂଘର ଜିଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ

ଧାମନଗର,୯।୩(ଦୀନକୃଷ୍ଣ ମହାପାତ୍ର)

ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ରବିବାର ଜିଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଜିଲାସ୍ତରୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ଧାମନଗର ବ୍ଲକ ମାୟାଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଓ କୋଠାର ପଞ୍ଚାୟତର ଡିଲୋଠାରେ ୨ଟି ଅଧିବେଶନ ହୋଇଥିଲା। ସଂଘର ଜିଲା ସଭାପତି ନକୁଳ ଚରଣ ବାରିକଙ୍କ ପୌରୋହିତ୍ୟରେ ପୂର୍ବତନ ରାଜ୍ୟ ଯୁଗ୍ମ ସମ୍ପାଦକ ରୋହିତ କୁମାର ଜେନା ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରଥମ ଅଧିବେଶନ ଓ ସାଧାରଣ ବୈଠକକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋ, ମୁଖ୍ୟବକ୍ତା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶଧର ମହନ, ଅନ୍ୟତମ ଅତିଥି ଭାବେ ଅଲେଖ ଚନ୍ଦ୍ର ନାୟକ, ଧାମନଗର ଏବିଇଓ ସତ୍ୟସୁନ୍ଦର ପରିଡ଼ା, ବାସୁଦେବପୁର ଏବିଇଓ ତପନ କୁମାର ଦ୍ୱିବେଦୀ, ପୁରୁଷୋତ୍ତମ ଧଳ, ଅଶୋକ କୁମାର ସାମଲ, ଘନଶ୍ୟାମ ସ୍ୱାଇଁ, ପ୍ରଧାନଶିକ୍ଷକ ସଞ୍ଜୟ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସଂଘର ଉନ୍ନତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବ୍ଲକ ସମ୍ପାଦକ ମନୋଜ କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟ ସଭାପତି ବିକ୍ରମ କୁମାର ଦାସଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଉପସଭାପତି ଅଶୋକ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ରାଜ୍ୟ ସଂଘର ଶିକ୍ଷକ ଦର୍ପଣର ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଣୟ କୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଜିଲା କାର୍ଯ୍ୟକାରିଣୀ କମିଟିର ସଭାପତି ଭାବେ ଶାନ୍ତିଲତା ପଣ୍ଡା ଓ ସମ୍ପାଦକ ଭାବେ ମାୟାଧର ଦାସ ମନୋନୀତ ହୋଇଛନ୍ତି। ଏଥିସହିତ ୧୩ ଜଣିଆ କମିଟି ଗଠନ କରାଯାଇଛି।

### ରାଜ୍ୟସ୍ତରୀୟ ମହିଳା ଅସ୍ମିତା ଟେନିସ୍ ବଲ୍ କ୍ରିକେଟ୍ ଲିଗ୍

# କେନ୍ଦ୍ରାପଡ଼ାକୁ ହରାଇ ଭଦ୍ରକ ଚାମ୍ପିୟନ

ଭଦ୍ରକ,୯।୩(ସନାତନ ରାଉତ)

ରାଜ୍ୟ ଟେନିସ୍ ବଲ୍ ସଂଘ ଅନୁମୋଦିତ ଓ ଭଦ୍ରକ ଜିଲା ଟେନିସ୍ ବଲ୍ କ୍ରିକେଟ ସଂଘ ଆନୁକୂଲ୍ୟରେ ଭଦ୍ରକ କଲେଜ ଖେଳପଡ଼ିଆରେ ଚାଲିଥିବା ଦୁଇଦିନିଆ ମହିଳା ଅସ୍ମିତା ଟେନିସ୍ ବଲ୍ କ୍ରିକେଟ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସ୍ତରୀୟ ଖେଳରେ ମୋଟ ୮ ଜିଲାରୁ ଖେଳାଳି ଭାଗ ନେଇଥିଲେ। ଭଦ୍ରକ ଓ କେନ୍ଦ୍ରାପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ାକୁ ହରାଇ ଭଦ୍ରକ ଚାମ୍ପିୟନ ହୋଇଛି। ତୃତୀୟ ଦଳ ଭାବେ କନ୍ଧମାଳ ଟ୍ରଫି ଗ୍ରହଣ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଜ ସଂଘର ସମ୍ପାଦକ ସିଥିଲ କୁମାର ପଣ୍ଡା, ସହସମ୍ପାଦକ ସୋମନାଥ ପରିଡ଼ା, ଭଦ୍ରକ ଜିଲା ଟେନିସ୍ ବଲ୍ ସଂଘର ଉପସଭାପତି


ଅତିଥିଙ୍କ ସହ ଖେଳାଳି।

ଗୌରହରି ମଣ୍ଡଳ, ସହିଦ ଖାନ, ଅସିତ ଦାସ, ଶୁଭଲକ୍ଷ୍ମୀ ରାଉତ, ଅଂଶୁମାନ ମହାନ୍ତି, ଅମ୍ପାୟର ରଜନୀକାନ୍ତ ବିହାରୀ, ରଞ୍ଜନ ନାୟକ, ମନୋଜ ପେରେଇ, ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ରମେଶ କୁମାର ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ନାଭାଲ ୟୁନିଟ୍ ଏନ୍‌ସିସିର କମାଣ୍ଡିଙ୍ଗ ଅଫିସର ସୁଦୀପ କୁମାର ସାହୁ, ଅସୁରାଳି ଇଞ୍ଜିନିୟରିଂ କଲେଜ ଅଧକ୍ଷ ରବୀନ୍ଦ୍ର କୁମାର ଜେନା, ଅରବିନ୍ଦ ବସନ୍ତରାୟ, ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ତପନ ମିଶ୍ର, ଗୋଲକ ନାୟକ ଓ ତନ୍ମୟ ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ।

### ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ କଟକ ରାଇଜିଂ ଷ୍ଟୁଡେଣ୍ଟ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭଣ୍ଡାରିପୋଖରୀ,୯।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ୍ ବର୍ଯ୍ୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଚନ୍ଦ୍ରଶେଖର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଆଦିତ୍ୟ ୧୧ ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ମ୍ୟାଚ୍ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୨ ରନ୍ କରିଥିଲା। ଦଳ ପକ୍ଷରୁ ଅଙ୍କିତ ବେହେରା ୭୩ ଓ ଅବଦୁଲ ଲତିଫ ୫୨ ରନ୍ କରିଥିଲେ। ଆଦିତ୍ୟ ୧୧ ଦଳ ୧୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୮ ରନ୍ କରିଥିଲା। ଫଳରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟ ହାସଲ କରି ସେମିଫାଇନାଲକୁ ପ୍ରବେଶ କରିଛି। ଅଙ୍କିତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦିବ୍ୟପ୍ରତିମ ସାହୁ ଅଙ୍କିତଙ୍କୁ ପୁରସ୍କୃତ କରିଥିଲେ। ଦୁର୍ଗା ପଟ୍ଟନାୟକ ଓ ସଞ୍ଜୟ ଶତପଥୀ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

# ନିମ୍ନମାନର ଯୋଗୁ ରାସ୍ତାକାମ ବନ୍ଦ କଲେ ଲୋକେ

## ଧୂଳିରେ ଲୋକେ ଅତିଷ୍ଠ

ଧାମନଗର,୯।୩(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ପୂର୍ତ୍ତ ବିଭାଗ ଅଧୀନ ଧାମନଗର ଛକଠାରୁ ବଡ଼ବଜାର ପର୍ଯ୍ୟନ୍ତ ରାସ୍ତାକାମ ଚାଲିଛି। ଅନିୟମିତତା ତଥା ନିମ୍ନମାନର କାର୍ଯ୍ୟ ଅଭିଯୋଗ ଆଣି ସ୍ଥାନୀୟ ଲୋକେ ସୋମବାର ମଧ୍ୟାହ୍ନରେ ଗୁହାଳିଆ କେନାଲ ପୋଲ ଛକ ନିକଟରେ ରାସ୍ତାକାମ ବନ୍ଦ ରଖିଛନ୍ତି।

ପ୍ରକାଶ ଯେ, ଧାମନଗର ଛକଠାରୁ ବଡ଼ବଜାର ପର୍ଯ୍ୟନ୍ତ ୯ କି.ମି. ମୁଖ୍ୟରାସ୍ତାକୁ ପ୍ରଶସ୍ତ ଓ ନବୀକରଣ କରିବା ନେଇ ୨୦୨୩ରେ ଅଟକଳ ମୂଲ୍ୟ ପ୍ରାୟ ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ହୋଇଥିଲା। ହେଲେ କୌଣସି କାରଣ ବଶତଃ ଉକ୍ତ ଟେଣ୍ଡର ପାଇଥିବା ଯାଜପୁର ଜିଲା ଅଞ୍ଚଳର ଜଣେ କଣ୍ଟ୍ରାକ୍ଟର ଚଳିତବର୍ଷ ଶେଷ ପର୍ଯ୍ୟନ୍ତ କାମ କରୁ ନ ଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ପରେ ୩ ମାସ ହେବ କାମ ଚାଲିଛି। ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି, କାମ ଆରମ୍ଭ ପୂର୍ବରୁ


ରାସ୍ତା ନିର୍ମାଣ ସ୍ଥଳରେ ଗ୍ରାମବାସୀ ବିରୋଧ କରୁଛନ୍ତି।

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ହଜାର ହଜାର ଗଛ କଟାଯାଇ ସଫା କରିବା ପରେ କାମ ଆରମ୍ଭ କରିବା କଥା। ହେଲେ ଅଦ୍ୟାବଧି କିଛି ଗଛର ବଡ଼ ବଡ଼ କାଠ ଗଣ୍ଡି ରାସ୍ତା ପାଖରେ ପଡ଼ିରହିବା ସହ ଗଛର ମୂଳକୁ ମଧ୍ୟ ସମ୍ପୂର୍ଣ୍ଣ ଉପାଡ଼ି ସଫା କରାଯାଇ ନାହିଁ। ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱକୁ ତାଡ଼ି କଟା ଗଛ ମୂଳ ଉପରେ ମାଟି ପକାଇ ପୋତି କାମ କରୁଛନ୍ତି। ଜିଲା ମୁଖ୍ୟ ସଦରମହକୁମା ସହ ସଂଯୋଗ କରୁଥିବା ଏହି ମୁଖ୍ୟରାସ୍ତା କାମ ଠିକାଦାର ମନମୁଖୀ ଓ ବେପରୁଆ ଭାବେ ଗୋଟିଏ ଦୁଇଟି ପୁରୁଣା ଜେସିବି ମେଶିନରେ ନିମ୍ନମାନର କାମ କରି ଚାଲିଛନ୍ତି। ରାସ୍ତା ନିର୍ମାଣ ସମୟରେ ପ୍ରଥମେ ଗୋଟେ ପାଖ କାମ କରି ଅନ୍ୟପଟେ ଗାଡ଼ି ଓ ଲୋକଙ୍କ ଯିବାଆସିବା ପାଇଁ ଉଦ୍ଦିଷ୍ଟ ରହିବା କଥା। ହେଲେ ଏଠାରେ ରାସ୍ତା ଏବଂ ଏହାର ଉଭୟପାର୍ଶ୍ୱକୁ ତାଡ଼ି ସେଥିରେ ବାଲି ଡବ୍ଲ୍ୟୁଏମ୍ଏମ୍ ବିଛାଣୀ ହେବା ଦ୍ୱାରା ଲୋକଙ୍କ ଯିବା ଆସିବାରେ ବହୁ ସମସ୍ୟା ହେଉଛି। ସେହିପରି ମାଟି ମିଶା ବାଲି ଓ ନିମ୍ନମାନର ଡବ୍ଲ୍ୟୁଏମ୍ଏମ୍ ବ୍ୟବହାର କରାଯାଉଛି। ପର୍ଯ୍ୟାପ୍ତ ପରିମାଣର ପାଣି ସିଞ୍ଚନ ହେଉ ନ ଥିବାରୁ ରାସ୍ତା ଧୂଳିରେ ପଥଚାରୀ, ବସ୍, ରାସ୍ତା ପାଖରେ ଥିବା ବସବାସ କରୁଥିବା ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ଅଭିଯୋଗ ପରେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ଗୁହାଳିଆ ଓ ପଳିକିରି ଗ୍ରାମର ବହୁ ଲୋକେ ବିରୋଧ କରିବା ସହ ରାସ୍ତାକାମ ବନ୍ଦ ରଖିଥିଲେ। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଠିକ୍ ଭାବେ କାମ ନ ହେବା ପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟ ବନ୍ଦ ରହିଲା ବୋଲି କହିଥିଲେ। ଏଥିସହ ଖୁବ୍‌ଶୀଘ୍ର ୪ଟି ପାଣି ଟାଙ୍କି ମାଧ୍ୟମରେ ରାସ୍ତାରେ ପାଣି ସିଞ୍ଚନ କରିବାକୁ ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ବିରୋଧରୁ ହଟିଥିଲେ।




## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଯୋଡ଼ା,୯।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କମାର ଯୋଡ଼ା ହୁଡ଼ିସାହିରେ ଜଣେ ମହିଳା ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ସାହିର ଦୀପକ କାରୁଆଙ୍କ ସ୍ତ୍ରୀ ସୁନାଇ କାରୁଆ(୩୦)। ସେ ରବିବାର ଶାଢ଼ୀରେ ଘର ଭିତର ଆଜ୍‌ବେଷ୍ଟସ ବାଦାରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ସୋମବାର ସକାଳେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏକ ମାମଲା (ନଂ. ୩/୨୬) ରୁଜୁ ହୋଇଛି।

### ଦନ୍ତା ଆକ୍ରମଣରେ ମହିଳା ମୃତ

ଯୋଡ଼ା,୯।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନ ଜଜାଙ୍ଗଠାରେ ରବିବାର ଏକ ଗୋଠ ଛଡ଼ା ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଜାଙ୍ଗ ପାଟେରି ସାହିର ଲେମନ୍ତି ମାଝୀ(୨୫)। ସେ ନିକଟସ୍ଥ ବୈତରଣୀ ନଦୀରେ ଗାଧୋଇ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବନ ବିଭାଗ ଓ ବାମେବାରୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ସାଇ ଚେତନା ସାହିତ୍ୟ ସଂସଦର ତ୍ରୟୋଦଶ ବାର୍ଷିକ ଉତ୍ସବ

ବଉଳା,୯।୩(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଡ଼ା ପଞ୍ଚାୟତର ନାଗାତୋଟାଠାରେ ସାଇ ଚେତନା ସାହିତ୍ୟ ସଂସଦର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳନ ହୋଇଥିଲା। ଉକ୍ତ ସଭାରେ ସଂସଦର ସ୍ଥାୟୀ ସଭାପତି କୀର୍ତ୍ତନ ଚରଣ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ଇଂରାଜୀ ବିଭାଗ ଜାରକା ମହାବିଦ୍ୟାଳୟର ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଆଜିଏମ୍ ଡିଗ୍ରୀ ମହାବିଦ୍ୟାଳୟ ଧୃଷ୍ଟୁରୀର ଅଧ୍ୟାପକ କିଶୋର ପାଣିଗ୍ରାହୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର, ସମିତି ସଭ୍ୟ ଶ୍ରୀକାନ୍ତ ନାୟକ ଯୋଗଦେଇ ଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ସମ୍ଭାବନା' ଉନ୍ମୋଚନ କରାଯାଇଥିଲା। ବରିଷ୍ଠ ଶିକ୍ଷାବିତ୍ ବଉଳା ସାହିତ୍ୟ ସଂସଦର ସଭାପତି ବାଳକୃଷ୍ଣ ରାଉତ ଓ ବିଶିଷ୍ଟ ଗୀତିକାର କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ବାଗବତ ସାହୁ, ସହସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା, ସଂଗଠନ ସମ୍ପାଦକ ବିଜୟ ବେହେରା, କାର୍ଯ୍ୟକାରୀ ସଭାପତି ମୋହନ ମହାନ୍ତି, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଖିଲାର, ବନମାଳୀ ଜେନା, ମୋହନ ମଲ୍ଲିକ, ବିଜୟ ଧଳ ପରିଚାଳନା କରିଥିଲେ।

### ଜଳିଗଲା ସାଧୁପଡ଼ା ଠାକୁରାଣୀ ଶାଳ, ଜଙ୍ଗଲ

ପାଟଣା,୯।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସାଧୁପଡ଼ା ଗ୍ରାମରେ ଥିବା ଠାକୁରାଣୀ ଶାଳରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଶତାଧିକ ମୂଲ୍ୟବାନ ଗଛ ଶହ ଠାକୁର୍ ପୋଡ଼ି ଯାଇଛନ୍ତି। ଶାଳ ସଂଲଗ୍ନ ଜଙ୍ଗଲରେ ଥିବା ଶାଗୁଆନ, ଆକାଶିଆ ଗଛ ଜଳି ପୋଡ଼ି ନଷ୍ଟ ହୋଇଛି। ଗାଁ ଲୋକ ଓ ପାଟଣା ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ସେହିଭଳି ପାଟଣା ରେଞ୍ଜ ମୁକ୍ତାପୁର ଗ୍ରାମ୍ୟ ଜଙ୍ଗଲ ଓ ଅଁଳାଡ଼ିହା ନଦୀ କୂଳ ଜଙ୍ଗଲରେ ନିଆଁ ଲାଗି ଅନେକ ହେକ୍ଟର ଜଙ୍ଗଲ ପୋଡ଼ିଯାଇଛି।

### ମହୁମାଛି ଆକ୍ରମଣରେ ଜେଜେମା, ନାତି ଆହତ

ପାଟଣା,୯।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପୋଇପାଣି ଗ୍ରାମରେ ସୋମବାର ସକାଳୁ ମହୁମାଛି ଆକ୍ରମଣରେ ଜେଜେମା' ଆହତ ଓ ନାତି ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ପାଟଣା ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ଜେଜେମା ହେଉଛନ୍ତି ମନ୍ଦାକିନି ନାଏକ ଏବଂ ତାଙ୍କ ୯ ବର୍ଷର ନାତି ଜ୍ଞାନ ରଞ୍ଜନ ନାଏକ। ଉଭୟ ଘର ନିକଟରେ ଥିବା ସମୟରେ ବାଘ ମହୁମାଛି ଆକ୍ରମଣ କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡା. ଶୁଭେନ୍ଦୁ ସାଗର କୁମାର ସୂଚନା ଦେଇଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ପାଟଣା,୯।୩(ବୀର କିଶୋର ଦାଶ)



ପ୍ରଶାସିନକ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଖଜୁରିଡ଼ିହା ଛକରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖଜୁରିଡିହା ଗ୍ରାମର ଉପେନ୍ଦ୍ର ମହାନ୍ତଙ୍କ ପୁଅ ଜଗନ୍ନାଥ ମହାନ୍ତ (୫୧)। ସୋମବାର ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ରାସ୍ତା ସମସ୍ୟା ସମାଧାନ ଦାବିରେ ମୃତଦେହ ରଖି, ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା।

ସୂଚନା ଅନୁଯାୟୀ, ରବିବାର ରାତି ୯ଟାରେ ଜଗନ୍ନାଥ ଖଜୁରିଡ଼ିହା ଛକ୍ ନିକଟରେ ଠିଆ ହୋଇଥିଲେ। ପାଟଣା ଥାନା ଅନ୍ତର୍ଗତ ଟଭାସରୁଆ ଗ୍ରାମର ବିନୋଦ ମହାକୁଡ଼ (୩୫) ଓ ଝୁମ୍ପୁରା ଥାନା ଅନ୍ତର୍ଗତ ରାଇକଳାର ମନୋଜ ମହାକୁଡ଼ ଏକ ବାଇକ୍‌ରେ ଦ୍ରୁତଗତିରେ ଯାଇ ଜଗନ୍ନାଥଙ୍କୁ ଧକ୍କା ଦେଇ ୩୦ ଫୁଟ୍ ଘୋଷାରି ନେଇଥିଲେ। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଗନ୍ନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୧୦୮/୨୬)ରୁଜୁ ହୋଇ ତଦନ୍ତ ଜାରି ରହିଛି। ସୋମବାର ପାଟଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଲୋକେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ରାସ୍ତାରେ ହମ୍ପସ, ଅଚଳ ଲାଇଟ ମରାମତି, ଗୋଲେଇ ଛକ ନିର୍ମାଣ ଦାବିରେ ରାସ୍ତା ଉପରେ ମୃତଦେହ ରହି, ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ସାହାରପଡ଼ା ବ୍ଲକ୍‌ରେ ସୋମବାର ଚାଲୁଥିବା ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିକୁ ଯାଉଥିବା କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ହନୁମନ୍ତଧାମ୍‌ଧେର ଘଣ୍ଟାଏ ଫସିରହିଥିଲେ। ସାହାରପଡ଼ା ଅତିରିକ୍ତ ତହସିଦାର ଚରଣ ନାଏକ, ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ପ୍ରମୁଖ ବୁଝାଶୁଝା ପରେ ଲୋକେ ଡିଏଫ୍‌ଓଙ୍କୁ ଛାଡ଼ିଥିଲେ। ପରେ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍‌ରୁ ୨୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଏବଂ ସମସ୍ତ ଦାବିପୂରଣ କରିବାର ପ୍ରତିଶ୍ରୁତି ପରେ ଅପରାହ୍ନ ୧ଟା ୩୦ରେ ରାସ୍ତା ଅବରୋଧ ହଟିଥିଲା।

# କେନ୍ଦୁଝର ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ

କେନ୍ଦୁଝର,୯।୩(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ଏକସଙ୍ଗେ ଅନୁଷ୍ଠିତ ହେଉଥିବା ସମସ୍ତ ଆଇନ୍‌ଜୀବୀ ସଂଘର ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ସଦର ମହକୁମାଠାରେ ଥିବା ଜିଲା ଓକିଲ ସଂଘର ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି। ସଭାପତି ପଦ ପାଇଁ ଅଶୋକ ଦାସ, ଆଲୋକ ମହାନ୍ତ, ବସନ୍ତ ବେହେରା, ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଉପସଭାପତି ଭାବେ ତୁଷାର ସାମନ୍ତ, ସେକ୍ ମହମ୍ମଦ ଶାହାବୁଦ୍ଦିନ ଅଖତାର, ସମ୍ପାଦକ ପଦ ପାଇଁ ଅନ୍ତର୍ଯ୍ୟାମୀ ସାହୁ, ଅକ୍ଷୟ ଜେନା ଓ ଦୈତାରୀ ଆପଟ୍ଟ, ୨ଗୋଟି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଦେବାଶିଷ ପତି, ତାରିଣୀ ପ୍ରସାଦ ପୋଥାଳ ଓ ଅର୍ଚ୍ଚନା ଦାସ ଏବଂ ୫ଗୋଟି କାର୍ଯ୍ୟକାରୀ ସଦସ୍ୟ ପାଇଁ ପ୍ରମୁଖ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଦାୟିତ୍ୱ ସମ୍ପାଦନ କରୁଥିବା ଦେବାଶିଷ ରଣାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରାଯାଇଛି। ମାର୍ଚ୍ଚ ୨୮ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ।

# ଓସ୍କା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଢେଙ୍କିକୋଟ,୯।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଅଗ୍ରଣି ସ୍ୱେଚ୍ଛାସେବୀ ସଂଗଠନ ଓସ୍କା ତରଫରୁ ରବିବାର ଆନ୍ତର୍ଜାତିୟ ମହିଳା ଦିବସ ପାଳିତ ହୋଇଯାଇଛି। ସାରୁପାଟ ପଞ୍ଚାୟତ ଝାରବେଡ଼ାଠାରେ ଆୟୋଜିତ ସଭାରେ ସରପଞ୍ଚ ସୁରମାନା ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପଣ୍ଡାପଡ଼ା ଜୋନ୍ ଜିଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ, ମୁଖ୍ୟ ବକ୍ତାଭାବେ ଓସ୍କା ପ୍ରକଳ୍ପ ନିର୍ଦ୍ଦେଶକ ଅଧିକାରୀ ମାନସିଂ ଦୁର୍ଗାପ୍ରସାଦ ନାୟକ, ସମ୍ମାନୀୟ ଅତିଥିଭାବେ କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଲିପ୍ସା ଦାସ, ପିଜିପିଏଲ ଦିବ୍ୟରଞ୍ଜନ ଦାସ, ଝାରବେଡ଼ା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାଳିକା ମଲ୍ଲିକ, ଜିଲାର ବୃଦ୍ଧାଶ୍ରମର ଅଧ୍ୟକ୍ଷା ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ଜନାର୍ଦ୍ଦନ ଗିରି ପ୍ରମୁଖ ଯୋଗଦେଇଥିଲେ। ଓସ୍କା ପ୍ରକଳ୍ପ ସଂଯୋଜକ ସୁଦାମ ଚରଣ ଭୂୟାଁ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛେଳି ଚାଷ କରି ଲାଭବାନ ହେବା ପାଇଁ ଇଚ୍ଛୁକ ୩ ଜଣ ମହିଳା ଚାଷୀଙ୍କୁ ଓସ୍କା ତରଫରୁ ୩ଟି ଛେଳି ପ୍ରଦାନ କରାଯାଇଥିଲା। ରାଜୀବ ସର୍ମା, ସୁମତି ପିଲା, ପ୍ରତିମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଆତ୍ମନିର୍ଭରଶୀଳ କରିଛି 'ଦିଦି କାଫେ'

## ଗୃହିଣୀରୁ ମହିଳା ଉଦ୍ୟୋଗୀ ବେଲମତୀ

ଯୋଡ଼ା,୯।୩(ମାନସ ମହାନ୍ତି)

ଦିନେ ପରିବାର ପ୍ରତିପୋଷଣ ପାଇଁ ସଂଘର୍ଷ କରୁଥିଲେ। ସ୍ୱାମୀଙ୍କ ଚାକିରି ଗଲାପରେ ସମସ୍ୟା ବଢ଼ିଯାଇଥିଲା। ପରିବାରର ପ୍ରତିକୂଳ ପରିସ୍ଥିତିରେ ସ୍ୱାମୀଙ୍କୁ ସହଯୋଗ ସହ ପିଲାଙ୍କ ପାଠପଢ଼ାରେ ଯେପରି ବାଧା ନ ଉପୁଜିବ ସେ ନେଇ ଛୋଟ ଦୋକାନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଟାଟା ଷ୍ଟିଲ ଫାଉଣ୍ଡେଶନର ମାର୍ଗଦର୍ଶନରେ 'ଦିଦି କାଫେ' ନାମରେ ଛୋଟ ଉଦ୍ୟୋଗ କରି ସ୍ୱାବଲମ୍ବୀ ହେବା ସହ ପରିବାରର ମେରୁଦଣ୍ଡ ପାଲଟିଛନ୍ତି। କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅଧୀନ ଜୁରୁ ଗ୍ରାମର ବେଲମତୀ ଲୋହାର ଅଦମ୍ୟ ଇଚ୍ଛାଶକ୍ତି ବଳରେ ମହିଳା ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ସୂଚନା ଅନୁଯାୟୀ, ୨୦୧୮ରେ ବେଲମତୀଙ୍କ ସ୍ୱାମୀ ଚାକିରି ହରାଇବା ପରେ ବେଲମତୀଙ୍କ ଜୀବନର ଅସଲ ସଂଘର୍ଷ ଆରମ୍ଭ ହୋଇଥିଲା। ଘରର ଆୟ ବନ୍ଦ ହୋଇଯିବା ଫଳରେ ପିଲାଙ୍କ ପାଠପଢ଼ା, ଦୈନନ୍ଦିନ ଖର୍ଚ୍ଚ ତୁଲାଇବା କଷ୍ଟକର ହେଲା। ପରିବାରର ଖର୍ଚ୍ଚ ତୁଲାଇବା ପାଇଁ ଏକ ଛୋଟ ଦୋକାନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକରେ ତାଙ୍କୁ ମହିଳା ଉଦ୍ୟୋଗୀ ଭାବେ ଚିହ୍ନଟ କରାଯାଇ ଟାଟା ଷ୍ଟିଲ ଫାଉଣ୍ଡେଶନ ସହାୟତାରେ ଷ୍ଟଲ ଯୋଗାଇ ଦିଆଯାଇଥିଲା। ଯାହା ତାଙ୍କ ବ୍ୟବସାୟକୁ ଘର ଚାରିକାନ୍ଥରୁ ବାହାରକୁ ଆଣିବାରେ ସାହାଯ୍ୟ କରିଥିଲା। ୨୦୨୫ ଏପ୍ରିଲରେ ବେଲାମତି ଆନୁଷ୍ଠାନିକ ଭାବେ ନିଜର 'ଦିଦି କାଫେ' ଆରମ୍ଭ କରିଥିଲେ। ବିଭିନ୍ନ ପ୍ରକାରର ସୁସ୍ୱାଦୁ ଜଳଖିଆ ଖାଇବା ପାଇଁ ଜଜାଙ୍ଗ, ଜୁରୁ ଏବଂ କପୁର ହଟିଂ ପରି ନିକଟସ୍ଥ ଅଞ୍ଚଳରୁ ଅନେକ ଗ୍ରାହକ ଏହି କାଫେକୁ ଆସିଥାନ୍ତି। ବର୍ତ୍ତମାନ ସେ କାଫେରୁ ମାସିକ ପ୍ରାୟ ୩୦,୦୦୦ ଟଙ୍କା ରୋଜଗାର କରିପାରୁଥିବା କହିଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେଶନର ଉପଯୁକ୍ତ ମାର୍ଗଦର୍ଶନ ଓ ସହାୟତାରେ ସେ ଏକ ସ୍ଥାୟୀ ରୋଜଗାରର ପନ୍ଥା ସୃଷ୍ଟି କରିପାରିଥିବା କହିଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେଶନର ଯୋଡ଼ା ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ରବୀନ୍ଦ୍ର କୁମାର କହିଛନ୍ତି, ବେଲମତୀଙ୍କ ସଫଳତା ଆମର ଜୀବିକା ନିର୍ବାହ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟକୁ ପ୍ରତିଫଳିତ କରୁଛି।



# ରାଜ, ରିଶି ଯୋଡ଼ି ବିଜୟୀ

## ଉପଖଣ୍ଡସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ୍

ଯୋଡ଼ା/ଚମ୍ପୁଆ,୯।୩
(ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଯୋଡ଼ା ପଞ୍ଚାୟତ ସମିତି ଦ୍ୱାରା ଚମ୍ପୁଆ ଉପଖଣ୍ଡସ୍ତରୀୟ ୨ ଦିବସୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ କମାରଯୋଡ଼ାସ୍ଥିତ ଇଣ୍ଡୋର ଷ୍ଟାଡିୟଠାରେ ଅନୁଷ୍ଠିତ ହୋଇଯାଇଛି। ୭, ୮ ତାରିଖ ୨ ଦିନ ଧରି ଅନୁଷ୍ଠିତ ଟୁର୍ନାମେଣ୍ଟରେ ଉପଖଣ୍ଡର ୪୦ଟି ଦଳ ଭାଗନେଇଥିଲେ। ପ୍ରଥମ ଦିନ ଫାଇନାଲରେ ରାଜ ଓ ରିଶି ଏବଂ ବିକି ଓ ମନୋଜଙ୍କ ମଧ୍ୟରେ ଖେଳା ଯାଇଥିଲା। ରାଜ ଓ ରିଶି ଯୋଡ଼ି ବିଜେତା ହୋଇଥିଲେ। ତୃତୀୟ ସ୍ଥାନ ପାଇଁ ବଡବିଲର ଗୋଲୁ ଓ ରପ୍ତାର ଏବଂ ଚମ୍ପୁଆର ଇମ୍ରାନ ଓ ଅରବାଜଙ୍କ ମଧ୍ୟରେ ଖେଳାଯାଇଥିବା ବେଳେ ଗୋଲୁ ଓ ରପ୍ତାର ବିଜୟ ହାସଲ କରଥିଲେ। ଦ୍ୱିତୀୟ ଦିନରେ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଖେଳରେ ଫାଇନାଲ ମ୍ୟାଚ୍ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ସହିତ ଯୋଡ଼ା ଜୁନିୟର ରେଭେନିୟୁ ଆସିଷ୍ଟାଣ୍ଟ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ମଧ୍ୟରେ ଖେଳାଯାଇଥିଲା। ଚମ୍ପୁଆ ଉପଜିଲାପାଳ ବିଜୟ ହୋଇଥିଲେ। ତୃତୀୟ ସ୍ଥାନ ପାଇଁ ଚମ୍ପୁଆ ଏସ୍‌ଡିଓ (ଆଇଡବ୍ଲୁଏସ୍‌ଏସ୍) ସହିତ ପିଆଇଟିଡିଏ ଚମ୍ପୁଆ ମଧ୍ୟରେ ଖେଳାଯାଇଥିଲା। ଚମ୍ପୁଆ ଏସ୍‌ଡିଓ ଦଳ ବିଜୟ ହାସଲ କରିଥିଲେ। ଟୁର୍ନାମେଣ୍ଟକୁ ଚମ୍ପୁଆ ଉପଜିଲାପାଳ ପରିଡ଼ା ଉଦ୍‌ଘାଟନ କରିଥିଲେ। ଖେଳରେ ଯୋଡ଼ା ବିଡିଓ ଡେନିଶ ବେହେରା, ଝୁମ୍ପୁରା ବିଡିଓ ହୃଦାନନ୍ଦ ହାଦା, ବଡ଼ବିଲ ପୌର ଅଧିକାରୀ ରମେଶ ଚନ୍ଦ୍ର ନାଏକ, ବଡ଼ବିଲ ଏସଡିପିଓ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନାଆଇଆଇସି ପ୍ରଶାନ୍ତ ସାମଲ, ଏସ୍‌ଡିଓ (ଟିପିଏନଓଡିଏଲ, ଯୋଡା), ଟିଏ-ଆଇଟିଡିଏଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଦନ୍ତା ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ

ପାଟଣା,୯।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡ଼ିହା ବିଟ୍ ଜାରକାଣିବେଡ଼ା କାଜୁ ଜଙ୍ଗଲରେ ଗତ ଶନିବାର ଗୋଠଛଡା ଦନ୍ତା ଆକ୍ରମଣ ବେଣୁଧର ନାଏକ (୧୮)ଙ୍କ ମୃତ୍ୟୁ ଘଟିଥିଲା। ସୋମବାର ମୃତକଙ୍କ ବାପା ଧ୍ରୁବ ଚରଣ ନାଏକଙ୍କୁ ବନ ବିଭାଗ ତରଫରୁ ୧୦ ଲକ୍ଷ ଟଙ୍କାରୁ ଶୁଦ୍ଧିକ୍ରିୟା ପାଇଁ ଅଗ୍ରୀମ ୧ଲକ୍ଷ ଟଙ୍କା ଚେକ୍ ଆକାରରେ ପ୍ରଦାନ କରାଯାଇଛି। ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ବଡ଼ବିଲ ସରପଞ୍ଚ ସୁଭଦ୍ରା ନାୟକ, ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ବନପାଳ ସୁମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନଷ୍ଟ ହୋଇଗଲାଣି ଶୋ ଗଛ



କେନ୍ଦୁଝର,୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ସୌନ୍ଦର୍ଯ୍ୟକରଣ ନାମରେ ରାସ୍ତା ମଝିରେ ଶୋ ଗଛ ଲଗାଯାଉଛି। ନିୟମିତ ସଫେଇ, ପାଣି ସିଞ୍ଚନ, କୋଡ଼ାଖସା ହେଉ ନ ଥିବାରୁ ଗଛ ସବୁ ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ବେଳେ ଅନେକ ସ୍ଥାନରେ ଖରାରେ ଶୁଖି ମରିବାକୁ ବସିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରାଫିକ ପୋଷ୍ଟ ନିକଟରେ ସୌନ୍ଦର୍ଯ୍ୟକରଣ ପାଇଁ ଗୁଣ୍ଡରେ ରଖାଯାଇଥିବା ଗଛ ପାଣି ଅଭାବରୁ ଶୁଖିଯାଇ ମରିଯିବାକୁ ବସିଛି। ଗଛ ଲଗାଇବା ଏବଂ ରକ୍ଷଣାବେକ୍ଷଣ ପାଇଁ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଠିକ୍ ରକ୍ଷଣାବେକ୍ଷଣ ହେଉନାହିଁ କିମ୍ବା ତଦାରଖ ଠିକ୍ ଭାବରେ ହେଉ ନ ଥିବାରୁ ଅନେକ ସ୍ଥାନରେ ଗଛଗୁଡ଼ିକ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପରିବର୍ତ୍ତେ ସୌନ୍ଦର୍ଯ୍ୟହାନୀ ଘଟାଉଛି ବୋଲି ମତପ୍ରକାଶ ପାଉଛି।

# ମରଣାନ୍ତକ ଆକ୍ରମଣ କରି ଟଙ୍କା, ମୋବାଇଲ ନେଇଗଲେ

## ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଅଞ୍ଚଳବାସୀ

ଯୋଡ଼ା,୯।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବନେଇକଳା ବସ୍ତିର ଦିଲ୍ଲୀପ ନାୟକଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଲୁଟି ନେଇଯାଇଛି। ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ସନ୍ଧ୍ୟାରେ ଅଞ୍ଚଳବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରି ନ୍ୟାୟ ପ୍ରଦାନ ପାଇଁ ପୋଲିସକୁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ସନ୍ଧ୍ୟାରେ ବନେଇକଳା ବସ୍ତିର ଦିଲ୍ଲୀପ ନାଏକ ମାର୍କେଟରୁ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ମୋବାଇଲ ଓ ଟଙ୍କା ନେଇ ତାଙ୍କୁ ଯୋଡ଼ାସ୍ଥିତ ପୋଷ୍ଟ ଅଫିସ ଗଳିରେ ପକାଇ ଫେରାର ହୋଇଯାଇଥିଲେ। ଦିଲୀପଙ୍କୁ ପ୍ରଥମେ ଯୋଡ଼ା ଟାଟା ଷ୍ଟିଲ ଓ ପରେ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀପଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ପରିବାର ଲୋକେ ଓ ଅଞ୍ଚଳବାସୀ ଘଟଣା ଘଟାଇଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୋଲିସକୁ ଲିଖିତଭାବେ ଜଣାଇଛନ୍ତି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ ସୂଚନା ଦେବାକୁ ମନା କରିଦେଇଛି।

# ଜ୍ୟୋତିଷ ବିଶାରଦ ଯୋଗେନ୍ଦ୍ର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦୁଝର,୯।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ତଥା ଓଡ଼ିଶାର ପ୍ରତିଷ୍ଠିତ ଜ୍ୟୋତିଷ ବିଶାରଦ ତଥା ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ସ୍ୱର୍ଗତ ଯୋଗେନ୍ଦ୍ରନାଥ ଦାସଙ୍କ କେନ୍ଦୁଝରଗଡ଼ ପୁରୁଣା ସହର ବାସଭବନଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଡା. ଅରୁଣ ସାହୁ, କେନ୍ଦୁଝରର ଜିପି ଅଶ୍ୱିନୀ ପଟ୍ଟନାୟକ, ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତ, ସମ୍ପାଦକ ଅକ୍ଷୟ ଜେନା, ସରକାରୀ ଓକିଲ ତୁଷାର ସାମନ୍ତ, ରାଜ୍ୟ ବାର କାଉନ୍‌ସିଲ ସଦସ୍ୟ ଗିରିଜା ମିଶ୍ର, ବଳଭଦ୍ର ପାତ୍ର, ରାଜ୍ୟ କଂଗ୍ରେସ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ଭିଜିଲାନ୍ସ ଡିଏସପି ଦିନଜନ ନାଏକ, ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ମୋହନ ଚରଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।




ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ।

# ଅଙ୍ଗନୱାଡି କର୍ମୀଙ୍କୁ କେନ୍ଦ୍ର ଭିତରେ ତାଲା ପକାଇଲେ

## ଅଙ୍ଗନୱାଡ଼ି ଗୃହ ନିର୍ମାଣ ବିବାଦ

ବଉଳା,୯।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଞ୍ଝୋ ପଞ୍ଚାୟତର ସିଂଡୋବରେ ନୂତନ ଅଙ୍ଗନୱାଡି କେନ୍ଦ୍ର ଗୃଡ ନିର୍ମାଣ ବିବାଦ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ଗ୍ରାମର ମହିଳା, ପୁରୁଷ ସିଂଡୋବ ଅଙ୍ଗନୱାଡି କେନ୍ଦ୍ର କର୍ମୀଙ୍କୁ ଗୃହ ଭିତରେ ତାଲାପକାଇ ଅଟକ ରଖିଥିଲେ। ଫଳରେ ଉତ୍ତେଜନା ଦେଖାଯାଇଥିଲା। ପୋଲିସ ପହଞ୍ଚି କର୍ମୀଙ୍କୁ ଉଦ୍ଧାର କରିଥିଲା।

ସୂଚନା ଅନୁଯାୟୀ, ସିଂଡୋବ ଅଙ୍ଗନୱାଡି କେନ୍ଦ୍ରଟି ୱାର୍ଡ ନଂ. ୧୧ ଓ ୧୨ର ଥିବା ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିଲା। ନୂତନ ଗୃହ ପାଇଁ ଅନୁଦାନ ଆସିବା ପରେ ଗୃହ ନିର୍ମାଣ କେଉଁଠି ହେବ ତାକୁ ନେଇ ରାଜନୈତିକ ଛକାପଞ୍ଝା ଚାଲିଛି। ଯାହା କି ନୂଆ ସିଂଡୋବ ଓ ପୁରୁଣା ସିଂଡୋବ ଭାବେ ନାମିତ ରହିଛି। ଗୋଟିଏ ୱାର୍ଡରେ ୨୫ ଜଣ ଛାତ୍ରୀଛାତ୍ର ଥିବାବେଳେ ଅନ୍ୟ ଏକ ୱାର୍ଡରେ ୮ଜଣ ଛାତ୍ରୀଛାତ୍ର ରହିଛନ୍ତି। ସୋମବାର ନୂଆ ସିଂଡୋବରେ ଅଙ୍ଗନୱାଡ଼ି କର୍ମୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦେଇ ପୁରୁଣା ସିଂଡୋବରେ ଥିବା ୨୫ଜଣ ଛାତ୍ରୀଛାତ୍ରଙ୍କ ପାଖକୁ ଆସୁଥିଲେ। ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ. ୨୫୮, ୭ମାର୍ଚ୍ଚ ୨୦୨୬)ରେ ୨୫ଜଣ ଛାତ୍ରୀଛାତ୍ର ଥିବା କେନ୍ଦ୍ରକୁ ଯାଇ ଶିକ୍ଷାଦାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ୨ ଗାଁ ମଧ୍ୟରେ ପ୍ରଚାର ହୋଇଥିଲା। ନୂଆ ସିଂଡୋବ ଅଙ୍ଗନୱାଡି କର୍ମୀ ବାହାରି ଆସିବାକୁ ଉଦ୍ୟମ କରୁଥିବାବେଳେ କିଛି ବ୍ୟକ୍ତି ତାଙ୍କୁ ଘରେ ପୁରାଇ ତାଲା ପକାଇ ଦେଇଥିଲେ। ଆନନ୍ଦପୁର ପୋଲିସ ଓ ହାଟଡ଼ିହୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉମାମଣି ମହାପାତ୍ର ଏବଂ ସୁପରଭାଇଜର ପ୍ରଭାସିନୀ ଜେନା ପହଞ୍ଚି ବୁଝାଶୁଝା କରିଥିଲେ। ପରେ ଅଟକ ରଖାଯାଇଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଉଦ୍ଧାର କରାଯାଇ ତାଙ୍କ ଘରେ ଛଡ଼ାଯାଇଥିଲା।




ପୋଲିସ ଲୋକଙ୍କୁ ବୁଝାଶୁଝା କରୁଛି।

## ସଂକ୍ଷେପରେ

### ଇଂଲଣ୍ଡ ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ପରଲୋକ

ଖଇରା,୯।୩(ଉତ୍କଳବନ୍ଧୁ ପଣ୍ଡା)– ଇଂଲଣ୍ଡରେ ପ୍ରଥମେ ଡାକ୍ତର ଓ ପରେ ଉଚ୍ଚ ନ୍ୟାୟାଳୟରେ ବିଚାରପତି ଆସନରେ ଅବସ୍ଥାପିତ ଖଇରା ବ୍ଲକ ଗଣ୍ଡିବେଡ ଗ୍ରାମନିବାସୀ କୈଳାସ ଚନ୍ଦ୍ର ମହାନ୍ତିଙ୍କର ସୋମବାର ଭାରତୀୟ ସମୟ ସକାଳ ୭ଟାରେ ପରଲୋକ ହୋଇଯାଇଛି। ୧୯୪୮ରେ ଜନ୍ମିତ ଡା. ମହାନ୍ତି ଗଣ୍ଡିବେଡରୁ ପ୍ରାଥମିକ ଶିକ୍ଷା ପରେ ଖଇରା ହାଇସ୍କୁଲ, ଭଦ୍ରକ କଲେଜ ଏବଂ ଏସସିବିରୁ ଏମ୍‌ବିବିଏସ୍ ଓ ଦିଲ୍ଲୀ ଏମ୍ସରୁ ଏମ୍‌ଏସି ପରେ ଇଂଲଣ୍ଡର ଏକ ମେଡିକାଲ କଲେଜରେ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ପରେ ଇଂଲଣ୍ଡର ଏକ ଉଚ୍ଚ ନ୍ୟାୟାଳୟରେ ବିଚାରପତି ଦାୟିତ୍ୱ ତୁଲାଇଥିଲେ। ଇଂଲଣ୍ଡରେ ରହିବା ସତ୍ତ୍ୱେ ଗାଁକୁ ଭୁଲି ନ ଥିଲେ। ବାପା ଅର୍ଜୁନ ଓ ମା' କମଳାଙ୍କ ସ୍ମୃତିରେ କମଳାର୍ଜୁନ ନାମରେ ଏକ କଲେଜ ଖୋଲିଥିଲେ।



କୈଳାସ ଚନ୍ଦ୍ର ମହାନ୍ତି।

### ମହିଳା ଦିବସରେ ୧ ହଜାର ସାନିଟାରୀ ନ୍ୟାପ୍‌କିନ ବଣ୍ଟନ

ଭୋଗରାଇ,୯।୩(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍‌ର ମହେଶପୁର ପଞ୍ଚାୟତ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଡିଓ ପ୍ରଶାନ୍ତ ମହାରଣା, ସମ୍ମାନିତ ଅତିଥିଭାବେ ଡ. ସୁଶାନ୍ତ ରାଜ, ମହିଳା ଶିଶୁ ବିକାଶ ଅଧିକାରିଣୀ ପବିତ୍ରା ହାଜିରା, ଏମ୍‌ପିଙ୍କ ପ୍ରତିନିଧି ଆଶିଷ ପାତ୍ର, ସ୍ୱାସ୍ଥ୍ୟ ବିଭାଗର ସୁଚିତ୍ରା ପରିଡ଼ା, ଉର୍ମିଳା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧ ହଜାର ମହିଳାଙ୍କୁ ସାନିଟାରୀ ନ୍ୟାପ୍‌କିନ ପ୍ରଦାନ କରାଯାଇଥିଲା।

## ବାଲେଶ୍ୱରରେ ମୁଖ୍ୟ ଶାସନ ସଚିବ

# ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବାଲେଶ୍ୱର,୯।୩(ବାଞ୍ଛାନିଧି ଦେ): ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୋମବାର ବାଲେଶ୍ୱର ଗସ୍ତ କରିଛନ୍ତି। ଚାନ୍ଦିପୁର ଡିଆର୍‌ଡିଓ ଆନୁକୂଲ୍ୟରେ ପିଏକ୍ସଇ ପରିସରରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ପୂର୍ବାହ୍ନରେ ପିଏକ୍ସଇ ପରିସରରେ ମହିଳା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ଗର୍ଗ ଯୋଗଦେଇ ଡିଆର୍‌ଡିଓ ସଚିବ ତଥା ଅଧ୍ୟକ୍ଷ ଡ. ସମୀର ଭି କାମତଙ୍କ ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦେଶର ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମହିଳା ବୈଜ୍ଞାନିକଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଡିଆର୍‌ଡିଓର ବିଭିନ୍ନ ଲାବରେଟୋରିର ନିର୍ଦ୍ଦେଶକ ଓ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ବୈଜ୍ଞାନିକ ଓ




ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରୁଛନ୍ତି।

ଗବେଷକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ମୁଖ୍ୟ ଶାସନ ସଚିବ ଗର୍ଗ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଯୋଗଦେଇ ଜିଲାର ସମସ୍ତ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ଓ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ 'ବାଲେଶ୍ୱର ଭିଜନ ଡକ୍ୟୁମେଣ୍ଟ' ଉପରେ ଏକ ପ୍ରେଜେଣ୍ଟେଶନ ଉପସ୍ଥାପନ କରିଥିଲେ। ଜିଲାରେ ଜାରି ରହିଥିବା ପ୍ରମୁଖ ପ୍ରକଳ୍ପ ଯଥା ସୁବର୍ଣ୍ଣରେଖା ବନ୍ଦର, ସୁବର୍ଣ୍ଣରେଖା

**ପିଏକ୍ସଇ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେଲେ**

ସଂସ୍କାର ଯୋଜନା, ପର୍ଯ୍ୟଟନ ପ୍ରକଳ୍ପ, ସାମୁଦ୍ରିକ ଖାଦ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟର ରପ୍ତାନି ସମ୍ଭାବନା ବିଷୟରେ ଅବଗତ କରାଯାଇଥିଲା। ସମସ୍ତ ପ୍ରକଳ୍ପ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବାଲେଶ୍ୱରର ସାମଗ୍ରିକ ବିକାଶ ପାଇଁ ରିଙ୍ଗରୋଡ୍ ନିର୍ମାଣ, କଳା-ବିଜ୍ଞାନ-ସାହିତ୍ୟ ସମ୍ବନ୍ଧୀୟ ମ୍ୟୁଜିୟମ୍ ସ୍ଥାପନ, ବାଲେଶ୍ୱରକୁ ମ୍ୟୁନିସିପାଲ କର୍ପୋରେଶନ ରୂପେ ବିକଶିତ କରିବା ପରି ବିଭିନ୍ନ ଲୋକହିତକର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ହେମନ୍ତ ସିଂହ, ଉପଜିଲାପାଳ ଶିବ ମାଳବୀୟ, ଶୁଭଶ୍ରୀ ରଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସମସ୍ତ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ସରିଲା କୁରୁଣ୍ଟା ଦୋଳ ମହୋତ୍ସବ

ଖଇରା,୯।୩(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତ ପଡ଼ିଆରେ ଚାଲିଥିବା ଦୋଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ମାନସ କୁମାର ଦାଶଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଯୁବନେତା ନୀଳ ମାଧବ ପଣ୍ଡା ମୁଖ୍ୟଅତିଥି, ବିଡିଓ ନାରାୟଣ ସାହୁ ମୁଖ୍ୟବକ୍ତା, ସରପଞ୍ଚ ରଘୁନାଥ ଜେନା, ସମିତି ସଭ୍ୟା କମଳିନୀ ମାଝି, ସମ୍ପାଦକ ଲମ୍ବୋଦର ବେହେରା, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ପାଢ଼ୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ହାସ୍ୟ ଅଭିନେତା ପପୁ ପମ୍ପମ୍‌ଙ୍କ କମେଡିରେ ଦର୍ଶକ ହସି ହସି ବେଦମ ହୋଇଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ସତ୍ୟଜିତ ପ୍ରଧାନ ଓ ତୃତୀୟ ଦିନ ସତ୍ୟଜିତ ଜେନାଙ୍କ ଗ୍ରୁପଙ୍କ ଦ୍ୱାରା ସୁମଧୁର ସଙ୍ଗୀତ ପରିବେଷଣ କରାଯାଇଥିଲା। ସୁଶାନ୍ତ ମହାପାତ୍ର ଓ ସୁବାସ ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶ ବେହେରା, ପର୍ଶୁରାମ ସାହୁ, ହେମନ୍ତ ସାହୁ, ରବିନ୍ଦ୍ର ସାହୁ, ପାର୍ବତୀ ବେହେରା, ନବଘନ ସାହୁ, ଅଭିଳାଷ ବାରିକ, ଜିତେନ୍ଦ୍ର ଶିଅଳ, ବିଜୟ ବାରିକ ଓ ଦୀପକ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

# ଏଫ୍‌ଏମ୍‌ୟୁରେ ନୂତନ କମ୍ୟୁନିଟି ହଲ୍ ଉଦ୍‌ଘାଟିତ

ବାଲେଶ୍ୱର,୯।୩(ବାଞ୍ଛାନିଧି ଦେ): ବାଲେଶ୍ୱର ଏଫ୍‌ଏମ୍‌ୟୁ (ଫକୀରମୋହନ ବିଶ୍ୱବିଦ୍ୟାଳୟ)ର ନୁଆପାଢ଼ି କ୍ୟାମ୍ପସରେ ନିର୍ମିତ ନୂତନ କମ୍ୟୁନିଟି ହଲ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ପ୍ରଶାସନିକ କର୍ମକର୍ତ୍ତା ଓ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାୟ ୫୦ଜଣଙ୍କ ବସିବା ସୁବିଧା ଥିବା ଏହି କମ୍ୟୁନିଟି ହଲ୍‌ଟି କ୍ୟାମ୍ପସ ଭିତରେ ଅବସ୍ଥିତ ନୂତନ ଜଗନ୍ନାଥ ମନ୍ଦିର ନିକଟରେ ନିର୍ମାଣ କରାଯାଇଛି। ଏହି ହଲ୍ ଦ୍ୱାରା ବିଶ୍ୱବିଦ୍ୟାଳୟ ପରିବାରର ସଭା, ବୈଠକ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନରେ ସୁବିଧା ହେବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି।



କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କମ୍ୟୁନିଟି ହଲ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ଶ୍ୱଶୁରଘର ଛାତରୁ ଖସିପଡ଼ି ସ୍ୱାମୀଙ୍କ ମୃତ୍ୟୁ

ବାଲେଶ୍ୱର,୯।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ସହରର ଆଜିମାବାଦ ଅଞ୍ଚଳରେ ରବିବାର ଶ୍ୱଶୁରଘର ୨ ମହଲା ଛାତରୁ ଖସିପଡ଼ି ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୀଳଗିରି ଥାନା ଅଧୀନ ପଦାଗାଁ ଗ୍ରାମର ଅଜୟ ପାତ୍ର(୫୨)। ଟାଉନ ଥାନା ଅଧିକାରୀ ବିଜୟ ଦାସଙ୍କ ସୂଚନା ଅନୁଯାୟୀ, ଅଜୟ ତାଙ୍କ ସ୍ତ୍ରୀଙ୍କ ସହ ଶ୍ୱଶୁର ଘରକୁ ବୁଲିବା ପାଇଁ ଆସିଥିଲେ। ରବିବାର ସନ୍ଧ୍ୟା ୬ଟା ବେଳେ ସେ ଶ୍ୱଶୁର ଘର ୨ ମହଲା ଛାତର ପାଚେରି କାନ୍ଥକୁ ଆଉଜି ଛିଡ଼ା ହୋଇ ସ୍ତ୍ରୀଙ୍କ ସହ କଥା ହେଉଥିଲେ। ହଠାତ୍ ଛାତର ପାଚେରି କାନ୍ଥ ଭାଙ୍ଗି ଯାଇଥିଲା। ଅଜୟ ଛାତରୁ ତଳକୁ ଖସି ପଡ଼ିଥିଲେ। ଘର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସରିଲା ନାମାଙ୍କନପତ୍ର ଦାଖଲ

**୨୮ରେ ଓକିଲ ସଂଘ ନିର୍ବାଚନ**

ବାଲେଶ୍ୱର,୯।୩(ବାଞ୍ଛାନିଧି ଦେ): ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନ ପତ୍ର ଦାଖଲ ସୋମବାର ଶେଷ ହୋଇଛି। ସଭାପତି ପଦବୀରେ ୩, ଉପସଭାପତି ପଦବୀରେ ୨, ସମ୍ପାଦକ ପଦବୀରେ ୨, ସହସମ୍ପାଦକ ପଦବୀ ପାଇଁ ୫, କୋଷାଧ୍ୟକ୍ଷ ପଦବୀରେ ୨ ଓ ସହ କୋଷାଧ୍ୟକ୍ଷ ପଦବୀ ପାଇଁ ୨ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପଦବୀରେ ମନୋଜ କୁମାର ନାୟକ, ନାରାୟଣ ଚନ୍ଦ୍ର ସାହୁ ଓ ରଘୁନାଥ ପ୍ରଧାନ, ଉପସଭାପତି ପାଇଁ ସୂର୍ଯ୍ୟକାନ୍ତ କର ଓ ରଣଜିତ୍ ପଣ୍ଡା, ସମ୍ପାଦକ ପଦବୀରେ ସମ୍ବିତ କୁମାର ନନ୍ଦୀ ଓ ଦୀପକ କୁମାର ଦାସ ପ୍ରାର୍ଥୀପତ୍ର ଭରିଛନ୍ତି। ସେହିପରି ସହ ସମ୍ପାଦକ ପଦବୀରେ ସୌରୀ ଶଙ୍କର ପରିଡ଼ା, ଜିତେନ୍ଦ୍ର କୁମାର ଉପାଧ୍ୟାୟ, ସେକ୍ ମହମ୍ମଦ ଗୋଲାମ ହମିଦ୍, ସ୍ନେହଲତା ଦାସ ଓ ଅଜୟ କୁମାର ବାରିକ, କୋଷାଧ୍ୟକ୍ଷ ପଦବୀରେ ଶିବ ଶଙ୍କର ପଣ୍ଡା ଓ ବିଜୟ କୁମାର ପରିଡ଼ା, ସହ କୋଷାଧ୍ୟକ୍ଷ ପଦବୀରେ ମମତା ବେହେରା ଓ ବାସନ୍ତୀ ସାହୁ, ଏକ୍‌ଜିକ୍ୟୁଟିଭ୍ ମେମ୍ବର ପାଇଁ ୨୨ଜଣ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୧୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୧୨ରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୩ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୮ ନିର୍ବାଚନ ହୋଇ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ କାର୍ତ୍ତିକ ପ୍ରସାଦ ସି ସୂଚନା ଦେଇଛନ୍ତି।




ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପଞ୍ଜୀକରଣ ପାଇଁ ଭିଡ଼ ଜମାଇଥିବା ଦିବ୍ୟାଙ୍ଗ ଓ ସେମାନଙ୍କ ସମ୍ପର୍କୀୟମାନେ।

ସିମୁଳିଆ,୯।୩(ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ସୋମବାର ପୂର୍ବାହ୍ନରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୪୦୯ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ବିଧାୟକ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ରହି ସମସ୍ତ ଭିନ୍ନକ୍ଷମମାନଙ୍କ ଠିକ୍ ଯାଞ୍ଚ ସହିତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୩ମାସ ପୂର୍ବେ ସିମୁଳିଆ ବ୍ଲକର ବରିଷ୍ଠ ଖବରଦାତା ଭରତ ଚନ୍ଦ୍ର ଦାଶ ସଡ଼କ ଦୁର୍ଘଟଣାରେ ଡାହାଣ ଗୋଡ଼ ହରାଇଥିଲେ। ତାଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ସହିତ ଖାଉଟି କାର୍ଡ ଯୋଗାଇ ଦିଆଯାଇଥିଲା। ବିଡିଓ ସୁନିଲ କୁମାର ଟୁଡୁ, ଆଡିସିନାଲ ତହସିଲଦାର ନିତ୍ୟାନନ୍ଦ ସେଠିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆପଣ ଏକା ନୁହଁନ୍ତିର ସଦସ୍ୟମାନେ ବିଭିନ୍ନ ଭିନ୍ନକ୍ଷମମାନଙ୍କୁ ସହଯୋଗ କରିଥିଲେ। ରାଧାରମଣ ପଟ୍ଟନାୟକ, ଉତ୍ତମ କୁମାର ମହାନ୍ତି, ବାବୁଲି ପଡିହାରୀ, ଅକ୍ଷୟ କୁମାର ବିଶ୍ୱାଳ, ଅଶୋକ କୁମାର ନାୟକ ପ୍ରମୁଖ ଲୋକପ୍ରତିନିଧି ଯୋଗ ଦେଇଥିଲେ।

# ବାଜିପୁର ଗାୟତ୍ରୀ ଶକ୍ତି ପୀଠର ବାର୍ଷିକୋତ୍ସବ

ବାହାନଗା,୯।୩(ଅରୂପ କୁମାର ଦାସ)– ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ବାଜିପୁର ଗ୍ରାମସ୍ଥିତ ବାମଝପା ମୁନିପଡ଼ିଆରେ ଗାୟତ୍ରୀ ଶକ୍ତିପୀଠର ୨୯ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅଧିବାସ ସହିତ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶନିବାର ଯଜ୍ଞ ଓ ରବିବାର ଯଜ୍ଞ ଏବଂ ବିବିଧ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗାୟତ୍ରୀ ପରିବାରର ସଦସ୍ୟା ଓ ସଦସ୍ୟ ଅଜୟ କୁମାର ପଣ୍ଡା, ରେବତୀବାଳା ପଣ୍ଡା, ମନ୍ମଥ କୁମାର ପାଢ଼ୀ, ବ୍ରଜମୋହନ ମୁର୍ମୁ, ହିମାଂଶୁ ମହାପାତ୍ର, ପ୍ରଦୀପ କୁମାର ମଣ୍ଡଳ, ଉମେଶ କୁମାର ଦାସ, ଚିତ୍ତ ରଞ୍ଜନ ସେଠୀ, ପ୍ରଫୁଲ୍ଲ କୁମାର ରଣା, ବିକାଶ ମଣ୍ଡଳ, ବିନୋଦ ମହାପାତ୍ର, ଗଣେଶ ମହାପାତ୍ର, କାଶୀନାଥ ଦାସ, ରାକେଶ, କୁନୁ, ବୀରେନ ମହାପାତ୍ର, ଅନାଦି ମଣ୍ଡଳ, ବାବୁ ନନା, ଲୋକନାଥ ବାରିକ, କିଶୋର ପାଣିଗ୍ରାହୀ, ପବିତ୍ର ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ମିଳିତ ଜନଶୁଣାଣି: ୧୫୬ ଅଭିଯୋଗ ଦାଖଲ

**ଜିଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ**

ଜଳେଶ୍ୱର,୯।୩(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାପାଳଙ୍କ ପ୍ରତିନିଧି ଭାବେ ବାଲେଶ୍ୱର ଏଡିଏମ (ରାଜସ୍ୱ) ହେମନ୍ତ ସିଂ ଏହି ଯୁଗ୍ମ ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ ବେହେରା, ଜିଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ ରାଉତ, ଏଏସ୍‌ପି ନିରଞ୍ଜନ ବେହେରା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୫୬ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିଲା। ବିଶେଷ କରି ଗ୍ରାମାଞ୍ଚଳରେ ଜଳକଷ୍ଟ ଓ ପାନୀୟ ଜଳ ପ୍ରକଳ୍ପର ଅବ୍ୟବସ୍ଥା, ଶିଶୁ ସେବିକା ଚୟନରେ ପାତରଅନ୍ତର, ବେଆଇନ ବାଲି ଚୋରାଚାଲାଣ, ମଣ୍ଡିରେ ଧାନ ଉଠିବାରେ ବିଳମ୍ବ, ଚାଷୀଙ୍କ ସମସ୍ୟା, ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂତନ ହିତାଧିକାରୀ ସାମିଲ ନ ହେବା ଆଦି ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି, ପୌରନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଏସ୍‌ଡିପିଓ ସୁବ୍ରତ ବେହେରା, ଆଇଆଇସି ଅଶୋକ ବାରିକଙ୍କ ସମେତ ଟାଟା ପାୱାର, ଜଳସେଚନ, ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଶର୍ଟସର୍କିଟରୁ ଦୋକାନ ଜଳିଗଲା

ଲଙ୍ଗଳେଶ୍ୱର,୯।୩(କମଳାକାନ୍ତ ଦାସ): ବାଲେଶ୍ୱର ସଦର ବ୍ଲକ୍ କଷାଫଳ ପଞ୍ଚାୟତର ତରଡ଼ାବଧିଆ ଗ୍ରାମର ଥିବା ଗୀତାଞ୍ଜଳି ଭେରାଇଟି ଷ୍ଟୋର ରବିବାର ରାତିରେ ବିଦ୍ୟୁତ ଶର୍ଟସର୍କିଟରୁ ନିଆଁ ଲାଗି ଜଳିଯାଇଛି। ଦୋକାନରେ ଥିବା ସବୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଗୀତାଞ୍ଜଳି ଗିରି ଧାର କରଜ କରି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଆଗକୁ ମହାବାରୁଣୀ ସ୍ନାନ ଥିବାରୁ ସେ ଅଧିକ ଟଙ୍କାର ସାମଗ୍ରୀ ଆଣିଥିଲେ। ପ୍ରଶାସନ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜଳି ଯାଇଥିବା ଦୋକାନ ଘର।

# ସୋର ନାଗରିକ ମଞ୍ଚର ଗଣଧାରଣା

ସୋର,୯।୩ (ଜନ୍ମେଜୟ ମିଶ୍ର): ସୋର ରେଳ ଷ୍ଟେଶନ ତଥା ରେଳଯାତ୍ରୀମାନଙ୍କ ପ୍ରତି ଦକ୍ଷିଣ ପୂର୍ବ ରେଳ ବିଭାଗ ଅଧିକାରୀଙ୍କ ଅବହେଳା ପ୍ରତିବାଦରେ ସୋର ନାଗରିକ ମଞ୍ଚ ପକ୍ଷରୁ ରେଳ ଷ୍ଟେଶନ ସମ୍ମୁଖରେ ସୋମବାରଠାରୁ ଗଣଧାରଣା ଆରମ୍ଭ ହୋଇଛି। ଏହି ଧାରଣାରେ ବିଭିନ୍ନ ସଂଗଠନ, ସୋର ବ୍ୟବସାୟୀ ସଂଘ, ଆଦର୍ଶ ଯୁବପରିଷଦ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସୋର ଅଞ୍ଚଳ କମିଟି ତଥା ଅଞ୍ଚଳର ବୁଦ୍ଧିଜୀବୀମାନେ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ନେତୃତ୍ୱରେ ନବ କିଶୋର ଦାସ, ଦାମୋଦର ଦାସମହାପାତ୍ର, ଗଙ୍ଗାଧର ପାଢ଼ୀ, ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ମାୟାଧର ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ କୁମାର ଦାଶ, ମନୋଜ କୁମାର ରାୟ, ପଞ୍ଚାନନ ଶିଅଳ, ନିତ୍ୟାନନ୍ଦ କର, ରଜନୀକାନ୍ତ ପାଣିଗ୍ରହୀ, ରବୀନ୍ଦ୍ର କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ବିଜୟକୁମାର ମହାପାତ୍ର, ଖଗେନ୍ଦ୍ର ପ୍ରଧାନ, ଦାମୋଦର ସାହୁ, ଅନାମ ପ୍ରସାଦ ବାରିକ, ଇଂ ଦିବାକର ଦଳାଇ ପ୍ରମୁଖ ଧାରଣାରେ ବସିଛନ୍ତି। ୩ଦିନ ଧରି ଏହି ଧାରଣା ଚାଲୁରହିବ। ରେଳ ବିଭାଗର ଉଚ୍ଚ ପଦାଧିକାରୀ ମାନେ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ଗୁଡ଼ିକ ସମାଧାନ ନ କଲେ, ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ରେଳରୋକୋ ଭଳି ଚରମ ପଦକ୍ଷେପ ନେବାକୁ ନାଗରିକ ମଞ୍ଚ ବାଧ ହେବ ବୋଲି କହିଛି।




ଧାରଣାରତ ନାଗରିକ ମଞ୍ଚର ସଦସ୍ୟମାନେ।

# ଭୂମିହୀନଙ୍କୁ ସ୍ଥାୟୀ ଜମିପଟ୍ଟା ଦାବି

**ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ**

ବାଲେଶ୍ୱର,୯।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ): ଭୂମିହୀନମାନଙ୍କୁ ସ୍ଥାୟୀ ଜମିପଟ୍ଟା ଓ ଜାତି ପ୍ରମାଣପତ୍ର ପ୍ରଦାନ ଦାବିରେ ବାଲେଶ୍ୱର ଜିଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ସୋମବାର ଶୋଭାଯାତ୍ରା ସହ ସମାବେଶ କରାଯାଇଛି। ସଭାପତି ବିଧାନ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଗାନ୍ଧୀ ସ୍ମୃତି ଭବନଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଅନୁସୁଚିତ ଜାତି ଓ ଜନଜାତି ଜାଗରଣ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଜିଲା କଂଗ୍ରେସର ସଭାପତି ସତ୍ୟଶିବ ଦାସ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କ ଜନମାରଣ ନୀତି କହି ନିନ୍ଦା କରିଥିଲେ। ପୂର୍ବତନ ବିଧାୟକ ତଥା ପିସିସିଏସ୍‌ସି ସେଲ୍‌ର ରାଜ୍ୟ ଉପସଭାପତି ସୁଦର୍ଶନ ଜେନା ସଭା ପରିଚାଳନା କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ମାନସ କୁମାର ମଲିକ, ପୂର୍ବତନ ସରପଞ୍ଚ ମଙ୍ଗ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ଜେନା, ଜିଲା ଉପସଭାପତି ସରୋଜ କୁମାର ଲେଙ୍କା, ନଗର ସଭାପତି ମୁନା ସ୍ୱାଇଁ, ପ୍ରଜ୍ଞାପରମିତା ମହାନ୍ତି, ଜିଲା ସାଧାରଣ ସମ୍ପାଦକ କେଶବ ଚନ୍ଦ୍ର ନାୟକ, ଜିଲା ଉପସଭାପତି ଉର୍ମିଳା ମାଝୀ, ରେମୁଣା ବ୍ଲକ ସଭାପତି କହ୍ନେଇ ଚରଣ ବେହେରା, କୃଷକ ନେତା ଅରୁଣ ଜେନା ପ୍ରମୁଖ ସମାବେଶରେ ଯୋଗ ଦେଇଥିଲେ। ଶେଷରେ ୯ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।



ଜିଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ସଂକ୍ଷେପରେ

### ପେଟ୍ରୋଲ ପମ୍ପରୁ ଚୋରି, ୨ ଗିରଫ

ବୈଶିଙ୍ଗା,୯।୩(ରତନ ଦାଶ)– ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥର ହାତୀଝୁରି ନିକଟରେ ଏକ ନିର୍ମାଣାଧୀନ ପେଟ୍ରୋଲ ପମ୍ପରେ ଡିଜେଲ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଫରିଦ ଖାଁ ଓ ଇମ୍ରାନ ଖାଁ ।

ସୂଚନା ଅନୁଯାୟୀ, ବିଶିକେସନ ସେଠୀ ନାମକ ବ୍ୟକ୍ତି ଇଣ୍ଡିଆନ ଅଏଲ କମ୍ପାନୀର ଲାଇସେନ୍ସରେ ହାତୀଝୁରି ନିକଟରେ ଏକ ପେଟ୍ରୋଲ ପମ୍ପ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ପ୍ରାୟ ଦୁଇ ହଜାର ଲିଟର ଗଚ୍ଛିତ ଥିବା ଡିଜେଲ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୧୭/୨୬) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଦୁର୍ଘଟଣାରେ ଯୁବକ ମୃତ,ମହିଳା ଗୁରୁତର

ବୈଶିଙ୍ଗା,୯।୩(ରତନ ଦାଶ)– ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ରୂପ୍‌ସା ରାସ୍ତାର ମହୁରୀ ବଜାର ଛକ ନିକଟରେ ସୋମବାର ଭୋର ସମୟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ପ୍ରାତଃ ଭ୍ରମଣରେ ଯାଉଥିବା ସମୟରେ ୬ଜଣ ମହିଳାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ବାଇକ୍ ଆରୋହୀ କଁଅର ବାସ୍କେଙ୍କ ପୁଅ ଅଜୟ ବାସ୍କେ (୨୮) ଦ୍ରୁତ ଗତିରେ ଯାଉଥିବା ବେଳେ ଦୁର୍ଘଟଣା ଘଟାଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରତର ଅବସ୍ଥାରେ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ବାଇକ୍ ଧକ୍କାରେ ଗୌରୀମଣି ମହାପାତ୍ର (୫୫) ନାମ୍ନୀ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ବୈଶିଙ୍ଗା ଥାନା ଏସଆଇ ଅଜୟ ପାତ୍ର ବାଇକ୍‌ଟିକୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।

### ଖରା ପାଇଁ କ୍ରିକେଟ ଟୁର୍ନାମେଣ୍ଟ ସ୍ଥଗିତ

ବାରିପଦା,୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ମହୋତ୍ସବ କମିଟି ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ପ୍ରଥମ ସର୍ବଭାରତୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କପ୍ କ୍ରିକେଟ ଟୁର୍ନାମେଣ୍ଟ ପ୍ରଚଣ୍ଡ ଖରାକୁ ଆଖିଆଗରେ ରଖି ସ୍ଥଗିତ ରଖାଯାଇଛି। ଏନେଇ ଆୟୋଜନ କମିଟିର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ୧୬ଟି ଦଳକୁ ନେଇ ଟି-୨୦ ଫର୍ମାଟରେ ଚଳିତ ମାସ ୧୫ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାର ଥିଲା ବୋଲି ପୂର୍ବରୁ କମିଟି ସୂଚନା ଦେଇଥିଲା। ତେବେ ପ୍ରଚଣ୍ଡ ଖରାକୁ ଆଖି ଆଗରେ ରଖି ଏହି ଟୁର୍ନାମେଣ୍ଟକୁ ଆଗାମୀ ନଭେମ୍ବର ମାସରେ କରାଯିବ ବୋଲି କମିଟି ନିଷ୍ପତ୍ତି ନେବା ସହ ଆବଶ୍ୟକସ୍ଥଳେ ଏହାକୁ ଦିବାରାତ୍ର ଟୁର୍ନାମେଣ୍ଟରେ ପରିଣତ କରାଯାଇପାରେ ବୋଲି ସିଂହ ପ୍ରକାଶ କରିଛନ୍ତି।

### ଯୋଗଦେଲେ ନୂଆ ଥାନା ଅଧିକାରୀ

କରଞ୍ଜିଆ,୯।୩.(କବିତା ମହାନ୍ତ)–



କରଞ୍ଜିଆ ଥାନାର ନୂତନ ଅଧିକାରୀ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ବାରିପଦା ହେଡ୍‌କ୍ୱାର୍ଟରଠାରେ କାର୍ଯ୍ୟରତ ଥିଲେ। ବାରିପଦା ବ୍ୟତୀତ ସେ ଝାରପୋଖରିଆ, କ୍ରାଇମବ୍ରାଞ୍ଚ କଟକ ଭଳି ସ୍ଥାନରେ ଦକ୍ଷତାର ସହିତ କାର୍ଯ୍ୟ କରିଆସିଛନ୍ତି। କରଞ୍ଜିଆରେ ସାମ୍ବାଦିକଙ୍କ ସମେତ ଅନେକ ବ୍ୟକ୍ତି ତାଙ୍କୁ ସ୍ୱାଗତ ଜଣାଇଛନ୍ତି। କରଞ୍ଜିଆରେ ଟ୍ରାଫିକ ସମସ୍ୟା, ଚୋରି, ବେଆଇନ ମାଦକଦ୍ରବ୍ୟ କାରବାର ଉପରେ ଅଧିକ ଦୃଷ୍ଟି ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

# ରାସ୍ତା ଶୋଚନୀୟ,ମରାମତି ପାଇଁ ଦାବିପତ୍ର

ବାରିପଦା,୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ୧୯ନଂ. ରାଜ୍ୟ ରାଜପଥର ମରାମତି ପାଇଁ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ ଦାବି ହୋଇଛି। ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲିକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭ଦିନ ମଧ୍ୟରେ ମରାମତି କରା ନ ଗଲେ ସଂଗଠନ ପକ୍ଷରୁ ପୂର୍ତ୍ତ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସଂଗଠନ ଚେତାବନୀ ଦେଇଛି। ଦାବି ଅନୁଯାୟୀ, ବାରିପଦା-ଉଦଳା ରାଜପଥ ଏକ ବ୍ୟସ୍ତ ବହୁଳ ସଡ଼କ ଅଟେ। ବର୍ତ୍ତମାନ ବାରିପଦାରୁ ଖୁଣ୍ଟା ଯିବା ରାସ୍ତା ବିପଦଜନକ ହୋଇପଡିଛି। ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲମାନ ସୃଷ୍ଟି ହୋଇଛି। ରାଜପଥର ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଖାଲରେ ପରିଣତ ହୋଇଛି। ଦୁଇ ଚକିଆ ଯାନର ଯାତ୍ରୀମାନେ ବେଶୀ ହଇରାଣ ହୋଉଛନ୍ତି। ଅନେକ ସମୟରେ ଖରାପ ରାସ୍ତା ଯୋଗୁ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ମାସରେ ଉଚ୍ଚ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ ଗାଡିରେ ଭିନ୍ନ ଭିନ୍ନ ସରକାରୀ କାର୍ଯ୍ୟରେ ଯାଉଥିବା ବେଳେ ରାସ୍ତା ଦୁରବସ୍ଥା କାହାରି ନଜରରେ ପଡୁନାହିଁ। କରଞ୍ଜିଆ ଛକ, ଲାଲଗଞ୍ଜ, ବାଲିଯୋଡ଼ା, କାଦୁଅଲବନ୍ଧ ଓ ଡୁକୁରା ପ୍ରଭୃତି ଅଧିକାଂଶ ଛକରେ ବଡ଼ ବଡ଼ଖାଲ ହୋଇଛି। ତେଣୁ ତୁରନ୍ତ ଖାଲ ହୋଇଥିବା ସ୍ଥାନକୁ ମରାମତି କରାଯାଉ ବୋଲି ସଂଗଠନ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ସହିତ ସମ୍ପାଦକ ଠାକୁର ସୋରେନ, ଗଣେଶ ମାର୍ଣ୍ଡି, ବୀରେନ୍ଦ୍ର ଟୁଡୁ , ବିକାଶ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# 'ଛଉରେ ସୁମିତ୍ରା ଦେବୀଙ୍କ ପ୍ରବେଶ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା'

ବାରିପଦା,୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ଅବସରରେ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ତଥା ମୟୂରଭଞ୍ଜ ଛଉର ପ୍ରଥମ ମହିଳା କଳାକାରଙ୍କୁ ସମ୍ମାନ ଦେଇ ତାଙ୍କ ସ୍ମୃତିରେ ଫେସବୁକ ଓ ଇନ୍‌ଷ୍ଟାଗ୍ରାମ ପୃଷ୍ଠା ମାଆ ଅମ୍ବିକା ମନ୍ଦିରରେ ପୂଜାର୍ଚ୍ଚନା ପରେ ଲୋକାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଉପ ନଗରପାଳ ସୀମା ଦାସ, ବିଶିଷ୍ଟ ନୃତ୍ୟଗୁରୁ ଅନୁବାଳା ମହାନ୍ତି, ରେଡିଓ ତଥା ଦୂରଦର୍ଶନର ବର୍ଷୀୟାନ ଗାୟିକା ଅଞ୍ଜଳି ମିଶ୍ର ଓ ଏନଏଚଏମ, କୁଳିଅଣା ବ୍ଲକ ମ୍ୟାନେଜର ଦେବୀ ଅର୍ଚ୍ଚନା ମହାପାତ୍ର ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ଛଉରେ ସୁମିତ୍ରା ଦେବୀଙ୍କ ପ୍ରବେଶ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ପରବର୍ତ୍ତୀ ସମୟରେ ମହିଳା କଳାକାରମାନଙ୍କୁ ଛଉ ନୃତ୍ୟ ପ୍ରତି ଆକୃଷ୍ଟ କରିଥିଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ସମସ୍ତ ମହିଳା କଳାକାର ଉପସ୍ଥିତ ଥିଲେ ଏହି ପୃଷ୍ଠାରେ ଛଉର ଭିଡିଓ, ଫୋଟୋ ଓ ସାଂସ୍କୃତିକ ସୂଚନା ବିଶ୍ୱବ୍ୟାପୀ ପ୍ରଚାର କରାଯାଇପାରିବ ବୋଲି ସାଧାରଣ ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

ରାଇରଙ୍ଗପୁର,୯।୩(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରଠାରେ ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ବରୁଣ ଗୁଣ୍ଟୁପାଲି ଉପସ୍ଥିତ ଥିଲେ। ରାଇରଙ୍ଗପୁର ଉପଜିଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି, ରାଇରଙ୍ଗପୁର ଏସ୍‌ଡିଏମଓ. ଡ.ରବିନ୍ଦ୍ର ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୧୧ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୮୭ଟି ଅଭିଯୋଗ ଥିବାବେଳେ ୨୪ଟି ସାମୂହିକ ଥିଲା। ମୁଖ୍ୟ ମନ୍ତ୍ରୀ ରିଲିଫ ଫଣ୍ଡ ସହାୟତାରେ ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ମୋଟ ୨୦ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଥିଲା। ଜିଲା ରେଡ଼କ୍ରସ ପାଣ୍ଠିରୁ ମଧ୍ୟ ୨ଜଣଙ୍କୁ ୬ ହଜାର ଟଙ୍କା ଲେଖାଏ ଜିଲାପାଳ ପ୍ରଦାନ କରିଥିଲେ। ଶିବିରରେ ବାମନ ଘାଟୀ ଉପଖଣ୍ଡ ଅଞ୍ଚଳର ବିଭିନ୍ନ ବ୍ଲକର ବିଡିଓ ଏବଂ ତହସିଲଦାର, ମହିଳା ଏବଂ ଶିଶୁ କଲ୍ୟାଣ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ ଜଳଯୋଗାଣ, ଗୋଷ୍ଠୀ ଶିକ୍ଷା ଅଧିକାରୀ,ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ସରକାରୀ ଲାଇନ ବିଭାଗୀୟ, ପଦାଧିକାରୀ ଅଫିସର ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରୀଷ୍ମ ପ୍ରବାହ ପାଇଁ ସଚେତନତା ବୈଠକ

ଉଦଳା,୯।୩(ସନ୍ତୋଷ କୁମାର ବାଛିନୀ)– ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ ଅଂଶୁଘାତ ପ୍ରତି ସଚେତନତା ଏବଂ ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବା ନିମନ୍ତେ ଉଦଳା ବ୍ଲକ ପକ୍ଷରୁ ଏକ ସଚେତନତା ବୈଠକ ଆୟୋଜିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଉଦଳା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଡିଓ ସମରଜିତ କର ଅଧ୍ୟକ୍ଷତା କରିଥିଲେ। ଆଗାମୀ ଗ୍ରୀଷ୍ମ ସମୟରେ କିଭଳି ବ୍ଲକ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହିତ ଅଂଶୁଘାତକୁ ଏଡାଇ ଦିଆଯାଇପାରିବ ତାହା ଉପରେ ଉପସ୍ଥିତ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦଳା ବ୍ଲକ ଏବିଡିଓ ଶରତ କୁମାର ମହାନ୍ତି, ସିଡିପିଓ କୃଷ୍ଣା ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ଏଏମ୍‌ଓ ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ବିଭାଗ ପକ୍ଷରୁ କିପରି ଗ୍ରୀଷ୍ମ ପ୍ରବାହର ମୁକାବିଲା କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା, ଏଏନ୍‌ଏମ୍, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଯୋଗଦେଇ ତାଲିମ ନେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ

ବାରିପଦା,୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାସ୍ଥିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର ପରିସରରେ ଥିବା ସମ୍ମିଳନୀ ଗୃହରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ସୁଦୀପ୍ତ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଇନ ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ ପୌରହିତ୍ୟ କରି ସାମ୍ପ୍ରତିକ ସମୟରେ ଜାତୀୟ ଓ ଆଞ୍ଚଳିକ ସ୍ତରରେ ପ୍ରଗତି ନିମନ୍ତେ ମହିଳାମାନଙ୍କ ଅବଦାନ ଓ ଗୁରୁ ସମ୍ବନ୍ଧରେ ମହିଳା ମାନଙ୍କୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିନିୟର ସିଭିଲ ଜଜ ସତରୂପା ଶତପଥୀ, ଏସ୍‌ଡିଜେଏମ ଜୁଏଲ ପଟ୍ଟନାଏକ, ଜେଏମ୍‌ଏଫ୍‌ସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝି, ଓଡ଼ିଶା ଜୀବିକା ମିଶନର ସଂଯୋଜିକା ମିନତୀ ମହାପାତ୍ର, ନ୍ୟାୟ ରକ୍ଷକ ସତ୍ୟ ନାରାୟଣ ବେହେରା ଓ ସଂଯୁକ୍ତା ସିଂ ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ବିଭିନ୍ନ ଅଧିକାର ତଥା ମହିଳାମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଓ ତାହାର ନିରାକରଣ ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନ ସମ୍ପର୍କରେ ନିଜର ମତାମତ ରଖିଥିଲେ। ପ୍ରକ୍ରିୟାକରଣ କେନ୍ଦ୍ରର ଅଧ୍ୟକ୍ଷା ନିରୂପମା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

# ଉପାନ୍ତ ସାହିତ୍ୟ ସମ୍ମିଳନୀର ବୈଠକ



ବୈଠକରେ ଉପସ୍ଥିତ ପରିଷଦର ସଦସ୍ୟମାନେ।

ଝାରପୋଖରିଆ,୯।୩(ସୁଧୀର କୁମାର ମହାନ୍ତ)

ଆସନ୍ତା ଉତ୍କଳ ଦିବସ ଉପଲକ୍ଷେ ଝାରପୋଖରିଆଠାରେ ହେବାକୁ ଥିବା ଉପାନ୍ତ ସାହିତ୍ୟ ସମ୍ମିଳନୀର ଏକଦିବସୀୟ ଦ୍ୱାଦଶ ତମ ବାର୍ଷିକ ସମ୍ମିଳନୀ ଉପଲକ୍ଷେ ଏକ ପ୍ରାକ ପ୍ରସ୍ତୁତି ବୈଠକ ରବିବାର ଅପରାହ୍ନ ୫ଟା୩୦ ମିନିଟ ସମୟରେ ଝାରପୋଖରିଆ ସ୍ଥିତ ଜାଭିଆର୍ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତଙ୍କ ପରିଚାଳନାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ପଦ୍ମନାଭ ସାହୁ ବୈଠକ ପରିଚାଳନା କରିଥିଲେ। ବୈଠକରେ ସୀମାନ୍ତ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଗଣ,ଗଣ ମାଧ୍ୟମ ପ୍ରତିନିଧି ,ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ,ଉପାନ୍ତ ସାହିତ୍ୟ ପରିଷଦର ସଦସ୍ୟଗଣ,ସାରସକଣା ଜଗନ୍ନାଥ ସଂସ୍କୃତି ନନ୍ଦିଘୋଷ ସାହିତ୍ୟ ସଂସଦର ସମ୍ପାଦକ ଜଗନ୍ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର କୋଷାଧ୍ୟକ୍ଷ ଶିଉଲାଲ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଲୋପ ପାଇ ଯାଉଥିବା ଓଡ଼ିଆ ଭାଷା,ସାହିତ୍ୟ,ସଂସ୍କୃତି ଓ କଳାକୁ ଉଜ୍ଜୀବିତ କରିବାକୁ ଅଣ୍ଟା ଭିଡିଛି ମୟୂରଭଞ୍ଜ ଜିଲା ଝାରପୋଖରିଆସ୍ଥିତ ଉପାନ୍ତ ସାହିତ୍ୟ ପରିଷଦ। ଆଜକୁ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସାହିତ୍ୟ ପରିଷଦର ମଙ୍ଗ ଧରିଛନ୍ତି ସାରସକଣା ବିଧାୟକ ଭାଦବ ହାଁସଦା। ପରିଷଦର ସଭାପତି ଭାବେ ଦାୟିତ୍ୱ ବହନ କରି ସାହିତ୍ୟ ସମ୍ମିଳନୀ ଆୟୋଜନ କରି ଆସୁଛନ୍ତି।

# ନବ ନିର୍ମାଣ କୃଷକ ସଙ୍ଗଠନର ବୈଠକ

ଗୋପବନ୍ଧୁ ନଗର,୯।୩ (ଶାନ୍ତନୁ କୁମାର ମଝୁଆଳ)

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୋପବନ୍ଧୁ ନଗର ବ୍ଲକ୍ ଶୀଳଘାଟି ପଞ୍ଚାୟତ ଗୁଡଡିହା ହାଇସ୍କୁଲ ପଡ଼ିଆରେ କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ ପାଇଁ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ସଭାପତି ରବିନ୍ଦ୍ର ପୋଥାଳ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରଭାରୀ ଚିନୁ ଦାସ ବୈଠକରେ ଯୋଗଦେଇ ଚାଷୀ ସୁରକ୍ଷା, ଭତ୍ତା, ଭାଗଚାଷୀ ସମସ୍ୟା ପ୍ରଭୃତି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଅବହେଳାକୁ ନିନ୍ଦା କରିବା ସହ କେନ୍ଦୁଝରେ ମା' ତାରିଣୀ ପୀଠରୁ ପଦଯାତ୍ରାରେ ସାମିଲ ହେବାକୁ ନିବେଦନ କରିଥିଲେ। ଆସନ୍ତା ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରାରେ କୃଷକ, ମହିଳା ଓ ଯୁବ ଗୋଷ୍ଠୀ ସାମିଲ ହେବାକୁ ଆହ୍ୱାନ ସେ ଦେଇଥିଲେ। ଶିବ ପ୍ରସାଦ ସେଠୀ, କେଶର ସୋରେନ, ସୁଦାମ ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ଦେବେନ୍ଦ୍ର ହେମ୍ବ୍ରମ, ରଘୁନାଥ ହେମ୍ବ୍ରମ ପ୍ରମୁଖ ସରକାରଙ୍କ ବାଟ ମାରଣା ନୀତିକୁ ସମାଲୋଚନା କରିଥିଲେ।



ବୈଠକରେ ଉପସ୍ଥିତ ନବ ନିର୍ମାଣ କୃଷକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ଚାଷୀମାନେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର

ଗୋପବନ୍ଧୁ ନଗର,୯।୩(ଶାନ୍ତନୁ କୁମାର ମଝୁଆଳ)– ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜରେ ଅନୁଷ୍ଠିତ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଅନ୍ୟତମ ଅତିଥି ଭାବେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପିକା ମାମୁନୀ ବେରା, ଟ୍ରେନର ମିନତୀ ପଲତା ପ୍ରମୁଖ ଯୋଗଦେଇ ଆତ୍ମସୁରକ୍ଷାର କୌଶଳ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତାଲିମ ନେଇଥିବା ୬୬ ଜଣ ବାଳିକାଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଅଧ୍ୟାପିକା ସସ୍ମିତା ଚୈାଧୁରୀ, ଜ୍ୟୋତିରୂପା ମହାପାତ୍ର, ସୁକାନ୍ତି ବିଶ୍ୱାଳ, ପାର୍ବତୀମଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ସ୍ୱତନ୍ତ୍ରତା ସେନାନୀର ସମ୍ମିଳନୀ

ଗୋପବନ୍ଧୁ ନଗର,୯।୩(ଶାନ୍ତନୁ କୁମାର ମଝୁଆଳ)

ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଏବଂ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନର ଜିଲାସ୍ତରୀୟ ବୈଠକ କୁଶଳଦାଠାରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମାନସ ରଞ୍ଜନ ବେଶ୍ରା ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ ଯୋଗ ଦେଇଥିଲେ। ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ନିଜର ହକ ଦାବି କରିବା ପାଇଁ ବରିଷ୍ଠ ସଦସ୍ୟ ବିଧାନ ଚନ୍ଦ୍ର ରାୟ ଅନୁରୋଧ କରିଥିଲେ। ଏଥିସହିତ ସରକାରଙ୍କର ବିଭିନ୍ନ ନିୟମାବଳୀ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ନାରାୟଣ ପାଢୀ, ମାନବେନ୍ଦ୍ର ରାୟ, ହରିହର ମହାନ୍ତି, ମାନସ ମିଶ୍ର, ଶ୍ରୀକୃଷ୍ଣ ଛାଟିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ବୈଠକରେ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦମାନେ।

# କିଶାନ ବ୍ରଦର୍ସ,ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ବିଜୟୀ

**ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବାରିପଦା,୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି।

ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନିତ ଅତିଥି ଭାବେ ଉପ ନଗରପାଳ ସୀମା ଦାସ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠିଙ୍କ ସମେତ ମୁଖପାତ୍ର ନରୋତ୍ତମ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ କୈଳାଶ ବେହେରା, ବୈଲୋଚନ ପାତ୍ର, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରୀ, ରାଜୀବ ମିସ୍ତ୍ରୀ, ସନ୍ତୋଷ କୁମାର ବରଜ, ବିନୋଦ ସିଂ ବାବୁ, ବନ ମଉଗଜ, ମହାଦେବ ପାତ୍ର, ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୧୩ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚରେ କିଶାନ ବ୍ରଦର୍ସ ୧-୦ ଗୋଲରେ କେନ୍ଦୁଆ ଏଫସି ଏବଂ ଏମଏସସିବି ବିଶ୍ୱବିଦ୍ୟାଳୟ ୩-୦ ଗୋଲରେ କରଞ୍ଜିଆର ବିଏମ ସ୍ପୋର୍ଟିଂକୁ ପରାସ୍ତ କରିଛି ।

